# ମୁଖ୍ୟମନ୍ତ୍ରୀଙ୍କ ସହ କାମ କରିବା ମୋ ପାଇଁ ଏକ ଆଶୀର୍ବାଦ

**କାର୍ତ୍ତିକ ପାଣ୍ଡିଆନ୍। ଓଡ଼ିଶା ପ୍ରଶାସନ ଓ ସାମ୍ପ୍ରତିକ ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ଓ ସ୍ୱର୍ଦ୍ଧିତ ଉଚ୍ଚାରଣ। ସମୃଦ୍ଧ 'ନବୀନ ଓଡ଼ିଶା' ଗଠନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଧାନ ସେନାପତି ତଥା ଓଡ଼ିଶାର ରୂପାନ୍ତରଣର ରୂପକାର। ନିଜ ନିଷ୍ଠା, ପରାକାଷ୍ଠା ବଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଠନକୁ ବାସ୍ତବତାର ରୂପ ଦେଉଛନ୍ତି ସେ। ରାଜ୍ୟର ଶାସନ ପ୍ରଣାଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିଥିବା '୫-ଟି' ଉପକ୍ରମ ତାଙ୍କରି ଉଦ୍ୟମର ଫଳ ବୋଲି କୁହାଯାଏ। ଦେଶର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ନ୍ୟୁଜ୍-୧୮ ର ରାଇଜିଂ ଭାରତ କନକ୍ଲେଭରେ ତାଙ୍କର ପ୍ରଶାସନିକ ସେବାକାଳ, ରାଜନୀତିରେ ପ୍ରବେଶ, ଓଡ଼ିଶାର ବିକାଶ ସଂକ୍ରାନ୍ତ ପ୍ରଶ୍ନରେ କାର୍ତ୍ତିକଙ୍କ ଉତ୍ତର....**




**ପ୍ରଶ୍ନ:- କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ଆପଣ ଚାକିରି ଛାଡି ରାଜନୀତି ବା ଜନସେବା କ୍ଷେତ୍ରକୁ ଆସିଲେ?**

**କାର୍ତ୍ତିକ:** ୧୨ ବର୍ଷ ହେଲା ମୁଁ ମୁଖ୍ୟମନ୍ତ୍ରୀଙ୍କ ସହିତ କାମ କରି ଆସୁଛି। ଏହା ପୂର୍ବରୁ ମୁଁ ଗଞ୍ଜାମରେ ଜିଲ୍ଲାପାଳ ଥିଲି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ମୁଁ ବହୁତ ପ୍ରେରଣା ପାଇଛି। ପ୍ରଥମ କାରଣ ହେଉଛି ଲୋକଙ୍କ ସେବା ପାଇଁ ତାଙ୍କର ପ୍ରତିବଦ୍ଧତା। କୋଭିଡ ପରେ ପରେ ଯେତେବେଳେ ସବୁ ଅଫିସ୍ ବନ୍ଦ ରହୁଥିଲା; ମୁଖ୍ୟମନ୍ତ୍ରୀ ମୋତେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ଅଭିଯୋଗ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ଷେ ତଳେ ଆମେ ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ସବୁ ବ୍ଲକ ଯାଇ ଅଭିଯୋଗ ଶୁଣାଣି କଲୁ। ଲୋକଙ୍କ ପାଖକୁ ଯିବା ଓ ସେମାନଙ୍କ ସହ ମିଶିବା ପରେ, ଯେଉଁ ପ୍ରକାର ରେସ୍ପନ୍ସ ଆସିଲା, ଲୋକଙ୍କ ଯେଉଁ ଭଲ ପାଇବା ମିଳିଲା, ତାହା ଥିଲା ଅଭୁତପୂର୍ବ। ଲୋକଙ୍କ ସହିତ ସଂପର୍କ ଦୃଢ଼ ହେଲା। ମୁଁ ନିଜକୁ ଜଣେ ବ୍ୟୁରୋକ୍ରାଟ ବୋଲି ଅନୁଭବ କରି ପାରିଲି ନାହିଁ। ମୁଁ ଏସବୁ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ କହିଲି; ସେ ମଧ୍ୟ ଭିଡିଓ ଗୁଡ଼ିକ ଦେଖିଲେ। ଲୋକଙ୍କ ଭଲ ପାଇବା, ଲୋକଙ୍କ ଆନ୍ତରିକତା ବହୁତ ଅଧିକ ଥିଲା। ଲୋକଙ୍କ ସେବାରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ ହେବାକୁ ଅନ୍ତରାତ୍ମାରୁ ନିର୍ଦ୍ଦେଶ ଆସିଲା। ମୋର ଗୁରୁ ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିବାକୁ ଓ ତାଙ୍କ ଶିଷ୍ୟ ଭାବରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲି।

**ପ୍ରଶ୍ନ- ଲୋକଙ୍କ ସହିତ ଆପଣଙ୍କର କିପରି ଆତ୍ମୀୟତା ସୃଷ୍ଟି ହୋଇଛି? ଆପଣ ଆଗରୁ ବ୍ୟୁରୋକ୍ରାଟ ଥିଲେ। କେଉଁ କାରଣ ଯୋଗୁଁ ଆପଣ ରାଜନୀତିରେ ଯୋଗ ଦେବା ପାଇଁ ଅନୁପ୍ରାଣିତ ହେଲେ?**

**କାର୍ତ୍ତିକ:** ଅନେକ ସଫଳ ପ୍ରଶାସକ ଅଛନ୍ତି। ଅନେକ ବ୍ୟକ୍ତି ବଡ଼ ବଡ଼ ଚିନ୍ତାଧାରା କାର୍ଯ୍ୟକାରୀ କରିଛନ୍ତି; କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହାନ ଆତ୍ମା, ତାଙ୍କର ମୂଲ୍ୟବୋଧ ଅନନ୍ୟ। ତାଙ୍କ ସହିତ ଦଶ ବର୍ଷରୁ ଅଧିକ ସମୟ ଧରି କାମ କରିବା ମୋ ପାଇଁ ଏକ ଆଶୀର୍ବାଦ। ଜଣେ ଶିଷ୍ୟ ଭାବରେ ତାଙ୍କ ପାଇଁ କିଛି କରିବା ଉଚିତ ବୋଲି ମୁଁ ଅନୁଭବ କଲି। ସେ କିପରି ଲୋକଙ୍କ ନିକଟରେ ଅଧିକରୁ ଅଧିକ ଭାବେ ପହଞ୍ଚି ପାରିବେ ସେଥିପାଇଁ କାମ କରିବା ଜରୁରୀ ବୋଲି ଭାବିଲି। ଏହା ହେଉଛି ମୋର ଏକମାତ୍ର ଲକ୍ଷ୍ୟ।

**ପ୍ରଶ୍ନ- ନବୀନ ପଟ୍ଟନାୟକ ବର୍ତ୍ତମାନ ସୁଦ୍ଧା ଜ୍ୟୋତି ବସୁଙ୍କ ଠାରୁ ଅଧିକ ସମୟ ଶାସନରେ ରହିଲେଣି। ଚଳିତ ବର୍ଷ ମଧ୍ୟଭାଗ ବେଳକୁ ପୱନ ଚାମଲିଂଙ୍କୁ ଅତିକ୍ରମ କରି ଦେଶର ସବୁଠାରୁ ଦୀର୍ଘ ସମୟର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ତାଙ୍କ ସଫଳତାର ରହସ୍ୟ କଣ?**

**କାର୍ତ୍ତିକ:** ପୃଥିବୀରେ କୌଣସି ସମାନ୍ତରାଳ ରାଜନୈତିକ ଦୁନିଆରେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏତେ ଲୋକପ୍ରିୟ ରାଜନୈତିକ ନେତା ବୋଧହୁଏ କେହି ନାହାନ୍ତି। ଏବର୍ଷ ସେ ମୁଖ୍ୟମନ୍ତ୍ରୀ ଭାବେ ଅଢ଼େଇ ଦଶକ ପୂରଣ କରିବେ। ତାଙ୍କର ଲୋକପ୍ରିୟତା ପ୍ରତି ଥର ବଢ଼ି ବଢ଼ି ଚାଲିଛି, ଜନ ସମର୍ଥନ ବଢୁଛି। ସେ ଯେତେବେଳେ ଶାସନକୁ ଆସିଲେ ସେତେବେଳେ ସମ୍ବାଦପତ୍ର ହିଁ ମୁଖ୍ୟ ଧାରା ଥିଲା। ଏହାପରେ ଇଣ୍ଟରନେଟ୍ ଆସିଲା, ତା ପରେ ସୋସିଆଲ ମିଡ଼ିଆ। ଜନସମୀକ୍ଷାର ସବୁ ମାଧ୍ୟମରେ ସେ ସଫଳତାର ସହ ଆଗକୁ ବଢ଼ିଛନ୍ତି। ତାଙ୍କ ଲୋକପ୍ରିୟତା ସାରା ଦେଶରେ ସବୁବେଳେ ଶୀର୍ଷରେ ହିଁ ରହିଛି। ମୁଁ ଭାବୁଛି, ତାଙ୍କ ସଫଳତାର ଗୋଟିଏ ମୁଖ୍ୟ କାରଣ ହେଉଛି ରାଜନୀତିକୁ ସେ ରାଜନୀତି ଭାବେ ଦେଖନ୍ତି ନାହିଁ। ଏହାକୁ ସେ ଜନସେବାର ଏକ ମାଧ୍ୟମ ବୋଲି ଭାବନ୍ତି। ଓଡ଼ିଶାର ଲୋକ ମଧ୍ୟ ତାଙ୍କୁ ଜଣେ ରାଜନୈତିକ ନେତା ଭାବେ ଦେଖନ୍ତି ନାହିଁ।




ସେମାନେ ତାଙ୍କୁ ଲୋକଙ୍କ ସେବା ପାଇଁ ସମର୍ପିତ ଜଣେ ବ୍ୟକ୍ତି ବୋଲି ଭାବନ୍ତି। ଲୋକଙ୍କ ସହିତ ତାଙ୍କର ଯେଉଁ 'ଭାବ' ସୃଷ୍ଟି ହୋଇଛି, ଗଭୀର ସଂପର୍କ ସୃଷ୍ଟି ହୋଇଛି, ତାହା ହେଉଛି ତାଙ୍କ ସଫଳତାର ରହସ୍ୟ।

**ପ୍ରଶ୍ନ- ରାଜନୀତିରେ ପ୍ରବେଶ ପରେ ଆପଣ ନିର୍ବାଚନ ରାଜନୀତିକୁ ଆସିବେ ନାହିଁ ବୋଲି କହିଛନ୍ତି। କାହିଁକି ?**

**କାର୍ତ୍ତିକ:** ଏଥିରେ ମୋ ଉଦ୍ଦେଶ୍ୟସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ପାଇଁ ତିନି-ଚତୁର୍ଥାଂଶ ବହୁମତରେ ଜିତେଇବାରେ ସହଯୋଗ କରିବାକୁ ଚାହେଁ।

**ପ୍ରଶ୍ନ- ଆପଣଙ୍କୁ ବେଳେବେଳେ ରାଜ୍ୟ ବାହାରର ବ୍ୟକ୍ତି କହି ଆକ୍ଷେପ କରାଯାଏ, ସେତେବେଳେ ଆପଣଙ୍କ ପ୍ରତିକ୍ରିୟା?**

**କାର୍ତ୍ତିକ:** ମୁଁ ଜାଣେ, ବିଗତ ତିନି ଚାରି ବର୍ଷ ହେଲା ଓଡ଼ିଶା ରାଜନୀତିରେ ମୁଁ ଆକ୍ରୋଶ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି। ବିରୋଧୀ ଦଳର ଅଧିକାଂଶ ନେତା ମୋତେ ସମାଲୋଚନା କରିଛନ୍ତି, ଏହା ରାଜନୀତିର ଏକ ଅଂଶ ବୋଲି ମୁଁ ଭାବେ। ଏଥିରେ ମୁଁ ଜିତିଛି କି ନାହିଁ, ତାହା ଓଡ଼ିଶାର ଜନତା ନିଷ୍ପତ୍ତି କରିବେ।

**ପ୍ରଶ୍ନ: ବିରୋଧୀମାନେ ଆପଣ ମୂଳତଃ ଓଡ଼ିଶାର ନୁହଁନ୍ତି, ବାହାର ରାଜ୍ୟ ତାମିଲନାଡୁର ବୋଲି କୁହନ୍ତି।**

**କାର୍ତ୍ତିକ:** ଏହାର ଉତ୍ତର ଓଡ଼ିଶାବାସୀ ଜାଣନ୍ତି। ମୁଁ ଯେତେବେଳେ ଓଡ଼ିଶାର ଲୋକଙ୍କ ସହ ଆଲୋଚନା କରେ, ସେତେବେଳେ ସେମାନଙ୍କ ଭାବାବେଗରେ ଆତ୍ମୀୟତା ଥିବା ଅନୁଭବ କରିଥାଏ। ମୋ ସହ ସାକ୍ଷାତ ଓ କଥାବାର୍ତ୍ତା ବେଳେ ସେମାନଙ୍କ ନିକଟରେ ଆପଣାର ଭାବ ଅନୁଭବ କରିଥାଏ। ତେଣୁ ସେମାନେ ମୋତେ ନିଜର ବୋଲି ଭାବନ୍ତି କି ବାହାର ରାଜ୍ୟର ବୋଲି ଭାବନ୍ତି, ତାହା ଓଡ଼ିଶାବାସୀ ହିଁ କହିପାରିବେ।

**ପ୍ରଶ୍ନ- ଆପଣ ଜଣେ ଓଡ଼ିଆଙ୍କୁ ବିବାହ କରିଛନ୍ତି। ସ୍ପଷ୍ଟ ଭାବେ ଓଡ଼ିଆରେ କଥାବାର୍ତ୍ତା କରିପାରୁଛନ୍ତି। ଓଡ଼ିଶାର ଲୋକମାନେ ଆପଣଙ୍କଠାରୁ କଣ ଆଶା କରନ୍ତି ?**

**କାର୍ତ୍ତିକ:** ଓଡ଼ିଶାର ଲୋକମାନେ ବହୁତ ବୁଦ୍ଧିମାନ ଓ ବିଚାରବନ୍ତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାହୁଁଛନ୍ତି ଓଡ଼ିଶାର ରୂପାନ୍ତର। ଓଡ଼ିଶାର ବିକାଶ ଓ ଓଡ଼ିଶାବାସୀଙ୍କ ପାଇଁ ସେ ପ୍ରତି ମୁହୂର୍ତ୍ତରେ କାମ କରୁଛନ୍ତି। ଓଡ଼ିଶାର ବୁଦ୍ଧିମାନ ଜନତା ନବୀନ ପଟ୍ଟନାୟକ ପ୍ରକୃତରେ କ'ଣ ତାହା ଠିକ୍ ଭାବରେ ବୁଝିଛନ୍ତି। ତାଙ୍କର ହୃଦୟ ଅତ୍ୟନ୍ତ ସ୍ୱଚ୍ଛ ବୋଲି ଅନୁଭବ କରିଛନ୍ତି। ଯେଉଁମାନେ ନବୀନ ପଟ୍ଟନାୟକଙ୍କୁ ଭଲ ଭାବେ ବୁଝିଛନ୍ତି, ମୁଁ ସେଇ ଲୋକମାନଙ୍କ ସହିତ ରହିଛି। ସେମାନେ ଜାଣିଛନ୍ତି ଯେ ଏହି ବ୍ୟକ୍ତି ପ୍ରତି ମୁହୂର୍ତ୍ତରେ ଓଡ଼ିଶାବାସୀଙ୍କ ପାଇଁ କାମ କରୁଛନ୍ତି। ଓଡ଼ିଶାର ରୂପାନ୍ତର ପାଇଁ ସମର୍ପିତ ରହିଛନ୍ତି। ତେଣୁ ସେମାନେ ହିଁ ସଠିକ୍ ନିର୍ଣ୍ଣୟ ନେବେ।

**ପ୍ରଶ୍ନ- ଏହାର ଅର୍ଥ ଆପଣ ଓଡ଼ିଶାର ସେବା କରିବାକୁ ଚାହୁଁଥିବା ଓଡ଼ିଶାର ଲୋକ ଭାବୁଛନ୍ତି ? ସବୁ ରାଜନେତାମାନେ ତ ଏହା କହନ୍ତି।**

**କାର୍ତ୍ତିକ: ପ୍ରକୃତରେ ମୁଁ ଯାହା କହୁଛି, ତାହା କରୁଛି ନା ମୋ ଭିତରେ ଆଉ କିଛି ଗୁପ୍ତ ଏଜେଣ୍ଡା ରହିଛି; ତାହାର ଉତ୍ତର ସମୟ ଦେବ। ଓଡ଼ିଶାବାସୀଙ୍କ ଉପରେ ମୁଁ ଏହା ଛାଡ଼ି ଦେଇଛି। ନବୀନଙ୍କଠାରୁ ଶିଖିଥିବା ସେବା ମନୋବୃତ୍ତିରେ ମୁଁ କାମ କରୁଛି କି ନାହିଁ ସେମାନେ ବିଚାର କରିବେ।**

**ପ୍ରଶ୍ନ- ପ୍ରକୃତରେ ଓଡ଼ିଶାରେ ବହୁତ ରୂପାନ୍ତର ଆସିଛି। ତେବେ ନିକଟରେ କିଛି ଯୋଜନାକୁ ମାଗଣା ବଣ୍ଟନ ବୋଲି କୁହାଯାଉଛି। ଆପଣ କଣ କହୁଛନ୍ତି?**

**କାର୍ତ୍ତିକ:** ଗୋଟିଏ କଲ୍ୟାଣକାରୀ ରାଷ୍ଟ୍ରର ବହୁ ଦାୟିତ୍ୱ ଥାଏ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଅନେକ ବ୍ୟବସ୍ଥା କରିବାକୁ ପଡ଼େ। ଏପରକି ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଏହା ହେଉଛି। ଆପଣ ଶିକ୍ଷା କ୍ଷେତ୍ର ଦେଖନ୍ତୁ। ମୁଖ୍ୟମନ୍ତ୍ରୀ ଭାବନ୍ତି କାହିଁକି ସରକାରୀ ସ୍କୁଲ ଓ ବେସରକାରୀ ସ୍କୁଲ ମଧ୍ୟରେ ଗୁଣାତ୍ମକ ବ୍ୟବଧାନ ରହିବ? ତେଣୁ ସେ ସରକାରୀ ସ୍କୁଲରେ ରୂପାନ୍ତର ଆଣିଛନ୍ତି। ଆମେ ଓଡ଼ିଶାର ୮୬୨୦ ହାଇସ୍କୁଲରେ ରୂପାନ୍ତର ଆଣିଛୁ। ବ୍ଲାକବୋର୍ଡ଼ ପରିବର୍ତ୍ତେ ପିଲା ସ୍ମାର୍ଟ ବୋର୍ଡରେ ପାଠ ପଢୁଛନ୍ତି। ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଓଡ଼ିଶାର ଲୋକମାନେ ତାଙ୍କ ପିଲାଙ୍କ ପାଇଁ ବଡ଼ ସ୍ୱପ୍ନ ଦେଖନ୍ତୁ। ସେ ସରକାରୀ ହସ୍ପିଟାଲକୁ ମଧ୍ୟ ରୂପାନ୍ତର କରି ପ୍ରାଇଭେଟ ହସ୍ପିଟାଲ ସହିତ ସମାନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ , ଖାଦ୍ୟ ସୁରକ୍ଷା ସବୁ କ୍ଷେତ୍ରରେ ୭୦ ପ୍ରତିଶତରୁ ଅଧିକ ଲୋକ ସରକାରୀ ସଂସ୍ଥା ଉପରେ ନିର୍ଭର କରନ୍ତି। ତେଣୁ ଏହାର ଗୁଣାତ୍ମକ ମାନରେ ଉନ୍ନତି ହେବା ବହୁତ ଆବଶ୍ୟକ। ଏହା କଲେ ହିଁ ଆମେ ଲୋକଙ୍କୁ ସଶକ୍ତ କରିପାରିବା। ସେମାନେ ବଡ଼ ସ୍ୱପ୍ନ ଦେଖିବେ ଏବଂ ରାଜ୍ୟ ଆଗକୁ ବଢ଼ିବ।

**ପ୍ରଶ୍ନ- ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷ ହୋଇଛି। ରାଜ୍ୟରେ ପ୍ରାୟ ଦଶ ହଜାର ମନ୍ଦିରର ରୂପାନ୍ତର ହୋଇଛି। ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର କାହିଁକି ମନ୍ଦିର ଉନ୍ନତିକରଣ କାମ କରିବ?**

**କାର୍ତ୍ତିକ:** ଏହା ହେଉଛି ଆମ ସଂସ୍କୃତି। ଲୋକଙ୍କ ବିଶ୍ୱାସକୁ ସମ୍ମାନ ଦେବା ସରକାରଙ୍କ ଦାୟିତ୍ୱ। ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ, ଶିଖ୍ ଓ ଆଦିବାସୀ ସମସ୍ତଙ୍କ ଧାର୍ମିକ ଅନୁଷ୍ଠାନର ଉନ୍ନତିକରଣ କରାଯାଇଛି। ତେଣୁ ଏହା ହେଉଛି ଲୋକଙ୍କ ବିଶ୍ୱାସକୁ ସମ୍ମାନ ଦେବା। ଆପଣ ଧର୍ମନିରପେକ୍ଷତା କଥା କହୁଛନ୍ତି; ମାତ୍ର ମୁଁ କହୁଛି ଏହା ହେଉଛି ଆଧ୍ୟାତ୍ମିକ ପ୍ରଶାସନ। ଲୋକଙ୍କ ବିଶ୍ୱାସକୁ ସମ୍ମାନ ଦେବା ପାଇଁ ଆପଣଙ୍କୁ କିଛି ଅଧିକ କରିବାକୁ ପଡ଼ିବ।

**ପ୍ରଶ୍ନ – କିନ୍ତୁ ୨୦୦୯ରେ ଆପଣ ଧର୍ମନିରପେକ୍ଷତା ପ୍ରସଙ୍ଗ ଉପରେ ବିଜେପି ସହିତ ମେଣ୍ଟ ଭାଙ୍ଗିଥିଲେ।**

**କାର୍ତ୍ତିକ:** ତାହା ଏକ ସାଂପ୍ରଦାୟିକ ବିଷୟ ଥିଲା। ସାଂପ୍ରଦାୟିକ ହେବା ଆଉ ଆଧ୍ୟାତ୍ମିକ ହେବା ମଧ୍ୟରେ ପାର୍ଥକ୍ୟ ରହିଛି। ମୁଖ୍ୟମନ୍ତ୍ରୀ ସବୁ ଧର୍ମର ଧାର୍ମିକ ଅନୁଷ୍ଠାନର ସଂରକ୍ଷଣ କରିଛନ୍ତି।

**ପ୍ରଶ୍ନ- ଓଡ଼ିଶା ଏବେ କ୍ରୀଡା କ୍ଷେତ୍ରରେ ବହୁତ ଉନ୍ନତି କରିଛି। ରାଉରକେଲା ଓ ଭୁବନେଶ୍ୱରରେ ହକି ଷ୍ଟାଡିଅମ ହୋଇଛି। ମୁଖ୍ୟମନ୍ତ୍ରୀ ଆଉ ଆପଣ ମଧ୍ୟ କ୍ରୀଡାରେ ସ୍ୱତନ୍ତ୍ର ରୁଚି ରଖିଛନ୍ତି।**

**କାର୍ତ୍ତିକ:** ମୁଁ ପାଠ ପଢୁଥିବା ବେଳେ ମୋର ଖେଳ ପ୍ରତି ରୁଚି ଥିଲା। ବାପା ଅନେକ ସମୟରେ ପ୍ରଶ୍ନ କରନ୍ତି, ତୁମେ ରେଳ ଷ୍ଟେସନରେ ଟିଟି ହେବାକୁ ଚାହୁଁଛ ନା ବଡ଼ ବୃତ୍ତିଗତ ଖେଳାଳି ହେବାକୁ ଚାହୁଁଛ? ସେତେବେଳେ ଖେଳର ପରିବେଶ ଏତେ ଭଲ ନ ଥିଲା। ଏବେ ବହୁତ ଉନ୍ନତି ଆସିଲାଣି। ତେବେ ଭାରତକୁ ଆହୁରି କିଛି କରିବାକୁ ବାକି ରହିଛି। ଓଡ଼ିଶାରେ ହକିକୁ ଲୋକ ବହୁତ ଭଲ ପାଆନ୍ତି। ହକି ଖେଳ ଦେଖିବାକୁ ବହୁତ ଭିଡ଼ ହୁଏ। ବିଜୁ ବାବୁ ତାଙ୍କ ପୁଅ ନବୀନ ପଟ୍ଟନାୟକଙ୍କୁ କହନ୍ତି ଯେ ହକି ସହିତ ସ୍ୱାଧୀନତା ସଂଗ୍ରାମର ଘନିଷ୍ଠ ସଂପର୍କ ଅଛି। ଯେତେବେଳେ ଭାରତ ସ୍ୱାଧୀନ ରାଷ୍ଟ୍ର ନ ଥିଲା, କେବଳ ଏକ ବିଚାରଧାରା ଥିଲା। ସେତେବେଳେ ବ୍ରିଟିଶ ଇଣ୍ଡିଆ ଭାବେ ଆମେ ହକିରେ ହିଁ ଅଲମ୍ପିକ୍ସରେ ମେଡାଲ ଆଣୁଥିଲୁ। ହକି ହିଁ ଭାରତକୁ ଏକ ପରିଚୟ ଦେଇଥିଲା। ଏହି କଥା ହିଁ ମୁଖ୍ୟମନ୍ତ୍ରୀଙ୍କୁ ହକି ପାଇଁ ଭାବପ୍ରବଣତା ଆଣିଥିଲା। ମୁଖ୍ୟମନ୍ତ୍ରୀ ହକି ଉପରେ ନଜର ଦେଲେ। ଆମେ ହେଉଛୁ ଏକ ମାତ୍ର ରାଜ୍ୟ ଯାହା ଏକ ଜାତୀୟ କ୍ରୀଡ଼ାକୁ ସହାୟତା ପ୍ରଦାନ କରୁଛି। ସାଧାରଣ ଭାବେ ଜାତୀୟ ସ୍ତରର କ୍ରୀଡ଼ାକୁ କର୍ପୋରେଟ ସଂସ୍ଥାମାନେ ସାହାଯ୍ୟ କରନ୍ତି; କିନ୍ତୁ ମୁଖ୍ୟମନ୍ତ୍ରୀ ଦେଶକୁ ଏକ ବାର୍ତ୍ତା ଦେବାକୁ ଚାହିଁଲେ। ପରୋକ୍ଷରେ ପଛେ ହେଉ ଏହି କ୍ରୀଡ଼ାର ଆମର ସ୍ୱାଧୀନତା ସଂଗ୍ରାମ ସହିତ ସଂପର୍କ ଅଛି। ତେଣୁ ଏହାକୁ ଆମେ ସମର୍ଥନ କରିବା। ଓଡ଼ିଶା ଏହାକୁ ବହୁତ ଭଲ ଭାବେ ସମ୍ପନ୍ନ କଲା।

**ପ୍ରଶ୍ନ – ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ଓଡ଼ିଶା ରହିଛି ?**

**କାର୍ତ୍ତିକ:** ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ହକିର ପ୍ରାୟୋଜକ ରହିଛି ଓଡ଼ିଶା। ହକିର ପ୍ରାୟୋଜକ ଦାୟିତ୍ୱ ଓଡ଼ିଶା ନେବା ପରେ ଭାରତ ପ୍ରାୟ ୩୦/୪୦ ବର୍ଷ ପରେ ଅଲିମ୍ପିକ୍ସରେ ମେଡ଼ାଲ ଜିତିଛି। ଏହାର ଶ୍ରେୟ ସମସ୍ତ ଖେଳାଳିଙ୍କର, ମାତ୍ର ଓଡ଼ିଶାର ମଧ୍ୟ ଛୋଟ ଅବଦାନ ରହିଛି।

**ପ୍ରଶ୍ନ- ଶେଷରେ ଏହା କୁହାଯିବ କି ମିଡିଲ ଡିଷ୍ଟାନ୍ସ ରନର୍ ମିଷ୍ଟର ପାଣ୍ଡିଆନ ରାଜନୀତିରେ ଏବେ ଲଙ୍ଗ ଡିଷ୍ଟାନ୍ସ ରନର୍ ହେବାକୁ ଯାଉଛନ୍ତି?**

**କାର୍ତ୍ତିକ:** ମୁଁ କେବଳ ଆଜି କଥା ହିଁ ଭାବେ। ଆଜି କାମ ଆଜି କରିବାକୁ ଚେଷ୍ଟା କରେ। ପ୍ରବଳ ଚାପରୁ ମୁକ୍ତି ପାଇବା ପାଇଁ ଏହା ହିଁ ଭଲ ବାଟ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ମୁଁ ଏହା ଶିଖିଛି। ସେ ବହୁତ ଆଧ୍ୟାତ୍ମିକ ଚିନ୍ତାଧାରାର ମଣିଷ। ସେ କହନ୍ତି ବର୍ତ୍ତମାନକୁ ନେଇ ବଞ୍ଚ, ପରବର୍ତ୍ତୀ ସମୟରେ ଯାହା କରିବାକୁ ଅଛି ତାହା କର।

## ଦୁଇ ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବ୍ରହ୍ମପୁର, ୧୯ ।୩ (ସମିସ):** ଗଞ୍ଜାମ ଜିଲ୍ଲାରେ ଘଟିଥିବା ଦୁଇ ପୃଥକ୍ ଦୁଷ୍କର୍ମ ମାମଲାର ଆଜି ଭିନ୍ନ ଭିନ୍ନ କୋର୍ଟରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର (ପୋକ୍ସୋ) କୋର୍ଟ ବିଚାରପତି ପ୍ରଭାତ କୁମାର ରାଜଗୁରୁ ୨୦୧୯ ମସିହାରେ ଘଟିଥିବା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଉଦ୍ଧବ ନାହାକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାକୁ କୋର୍ଟ ୨୦ବର୍ଷ ଜେଲ ଦଣ୍ଡ ସହ ୧୩ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେପଟେ ପିଡିତା ନାବାଳିକାଙ୍କୁ ୬ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ କୋର୍ଟ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସେହିପରି ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି ଗଣେଶ୍ୱର ପତି ଅନ୍ୟ ଏକ ଦୁଷ୍କର୍ମ ମାମଲାର ବିଚାର କରି କବିସୂର୍ଯ୍ୟନଗର ଅଞ୍ଚଳର କାଳିଆ ବିଶ୍ୱାଳ(୩୨)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୮ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ୨୦୧୯ ମସିହାରେ କାଳିଆ କେ. ନୂଆଗାଁ ଅଞ୍ଚଳ ଥାନା ଅଞ୍ଚଳର ଜଣେ ୧୫ବର୍ଷ ବୟସ୍କା ନାବାଳିକାଙ୍କୁ ପ୍ରଲୋଭିତ କରି ସାଥିରେ ନେଇଯାଇଥିଲେ। ଏକ ଭଡ଼ାଘରେ ତାକୁ ବାରମ୍ବାର ଦୁଷ୍କର୍ମ କରିଥିଲା। ୨୦୧୧ ଏପ୍ରିଲ ୨୧ରେ ପୀଡ଼ିତା ସେଠାରୁ ଲୁଚି ପଳାଇ ଆସି କେ. ନୂଆଗାଁ ଥାନାରେ ତାଙ୍କ ବିରୋଧରେ ଅଭିଯୋଗ କରିଥିଲା।

**ମେଡିକାଲ କଲେଜ ଓ ଡାକ୍ତରଖାନା ମୁଖ୍ୟଙ୍କୁ ନିର୍ଦ୍ଦେଶ**

## ଡାକ୍ତରଖାନା ପରିସରରେ କେତେ ଔଷଧ ଦୋକାନ ଜଣାଅ

**ଭୁବନେଶ୍ୱର, ୧୯ ।୩ (ସମିସ):** ସରକାରୀ ଡାକ୍ତରଖାନାରେ ଘରୋଇ ଔଷଧ ଦୋକାନ ରହିବ ନାହିଁ। ରାଜ୍ୟ ସରକାର ଡାକ୍ତରଖାନାରେ ନିରାମୟ ଯୋଜନା ଅଧୀନରେ ମାଗଣା ଔଷଧ ବଣ୍ଟନ ଆରମ୍ଭ କରିବା ପରିପ୍ରେକ୍ଷୀରେ ଘରୋଇ ଔଷଧ ଦୋକାନଗୁଡ଼ିକୁ ଉଚ୍ଛେଦ କରିବା ପାଇଁ କୁହାଯାଇଥିଲା। ସରକାରୀ ଡାକ୍ତରଖାନା ପରିସରରେ ଘରୋଇ ଔଷଧ ଦୋକାନକୁ ଲାଇସେନ୍ସ ନ ଦେବା ଲାଗି ୨୦୧୫ ମସିହାରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିନାହିଁ। ଏହାକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରିପୋର୍ଟ ତଲବ କରିଛି। ବିଭାଗ ପକ୍ଷରୁ ସମସ୍ତ ସରକାରୀ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଡିଏମ୍ଓ/ପିଏଚ୍ଓ, କ୍ୟାପିଟାଲ ହସ୍ପିଟାଲ ଏବଂ ଆରଜିଏଚ୍ ରାଉରକେଲା ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ରିପୋର୍ଟ ଦେବା ପାଇଁ କୁହାଯାଇଛି। ୨୦୧୫ ଫେବୃଆରୀ ୨୭ ତାରିଖ ସୁଦ୍ଧା ମେଡିକାଲ କଲେଜ ଓ ଡାକ୍ତରଖାନା ପରିସରରେ କେତେ ଘରୋଇ ଔଷଧ

**୨୦୧୫ ମସିହାରୁ ବନ୍ଦ ଅଛି ଲାଇସେନ୍ସ ପ୍ରଦାନ**

ଦୋକାନ ରହିଥିଲା ଏବଂ ଅଦ୍ୟାବଧି କେତେ ଦୋକାନ ଅଛି, ତାହାର ରିପୋର୍ଟ ଦେବା ପାଇଁ କୁହାଯାଇଛି। ଏହି ରିପୋର୍ଟର ବିଚାର ପାଇଁ ହାଇକୋର୍ଟରେ ଦାଖଲ କରାଯିବ ବୋଲି କୁହାଯାଇଛି।

ବର୍ଷବର୍ଷ ଧରି ଡାକ୍ତରଖାନା ପରିସରରେ ବ୍ୟବସାୟ କରୁଥିବା ଔଷଧ ଦୋକାନୀ କିନ୍ତୁ ସେହି ସ୍ଥାନ ଛାଡ଼ିବା ପାଇଁ ନାରାଜ। ଏପରିକି ଡାକ୍ତରଖାନା ପରିସରରୁ ଉଚ୍ଛେଦକୁ ବିରୋଧ କରି ହାଇକୋର୍ଟରେ ୧୧୧ଟି ମାମଲା ରୁଜୁ ହେଲାଣି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ଔଷଧ ଦୋକାନ ଉଚ୍ଛେଦ ସମ୍ପର୍କିତ ମାମଲାର ତ୍ୱରିତ ଶୁଣାଣି ଏବଂ ଫଇସଲା କରାଇବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଗତବର୍ଷ ନଭେମ୍ବର ୯ତାରିଖରେ ରାଜ୍ୟ ଆଡଭୋକେଟ୍ ଜେନେରାଲଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏହି ମାମଲା ଉପରେ ବିଚାର ଚାଲିଥିବାରୁ ଅଦାଲତଙ୍କ ଅବଗତି ନିମନ୍ତେ ବିଭାଗ ସବୁ ଜିଲ୍ଲାରୁ ରିପୋର୍ଟ ମାଗିଛି।

ସୂଚନାନୁସାରେ, ରାଜ୍ୟ ସରକାର ନିରାୟମ ଯୋଜନା ମାଧ୍ୟମରେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ପ୍ରାୟ ସବୁପ୍ରକାର ଔଷଧ ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି।

## ମହିଳା ଭୋଟରଙ୍କୁ ଆକୃଷ୍ଟ କରିବ 'ସଖୀ ବୁଥ୍'

**ଭୁବନେଶ୍ୱର, ୧୯ ।୩(ସମିସ):** 'ନିର୍ବାଚନର ପର୍ବ, ଆମ ଦେଶର ଗର୍ବ'- ଭାରତ ନିର୍ବାଚନ କମିସନ୍ ଏହି ଥିମ୍‌କୁ ଗ୍ରହଣ କରିଛନ୍ତି। ଏଥିପାଇଁ ଆସନ୍ତା ନିର୍ବାଚନରେ ସମ୍ପୂର୍ଣ୍ଣ ରୂପେ ମହିଳାଙ୍କ ଦ୍ୱାରା ପରିଚାଳିତ 'ସଖୀ ବୁଥ୍' ପ୍ରସ୍ତୁତ କରାଯିବ। ଏହି ବୁଥ୍ ସମ୍ପୂର୍ଣ୍ଣ ରୂପେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଯେଉଁ ଅଞ୍ଚଳରେ ମହିଳାମାନଙ୍କ ମତଦାନ ହାର କମ୍ ରହୁଥିବାର ଲକ୍ଷ୍ୟ କରାଯାଉଛି, ସେଠି 'ସଖୀ ବୁଥ୍' କରାଯାଇ ମହିଳା ମତଦାନ ହାର ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ସଖୀ ବୁଥ୍‌ରେ ପ୍ରିଜାଇଡିଂ ଅଫିସର୍, ପୋଲିଂ ଅଫିସର୍, ସୁରକ୍ଷା କର୍ମୀ ଓ ଅନ୍ୟ କର୍ମଚାରୀ ସମସ୍ତେ ମହିଳା ହିଁ ରହିବେ। ସଖୀ ବୁଥ୍‌ରେ ପୋଲିଂ ଏଜେଣ୍ଟ ଭାବେ ମହିଳାମାନଙ୍କୁ ନିୟୋଜିତ କରିବା ପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ମଧ୍ୟ ଅନୁରୋଧ କରାଯାଇଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ନିୟୋଜିତ ହେବାକୁ ଥିବା ମହିଳା କର୍ମଚାରୀମାନଙ୍କୁ ଓଡ଼ିଶା ହସ୍ତତନ୍ତର ଯେକୌଣସି ପୋଷାକ ବା ଶାଢ଼ି ପିନ୍ଧିବା ପାଇଁ ଉତ୍ସାହିତ କରାଯାଉଛି। 'ସଖୀ ବୁଥ୍'ଗୁଡ଼ିକରେ ମଧ୍ୟ ଅନ୍ୟ ମଡେଲ୍ ବୁଥ୍‌ଗୁଡ଼ିକ ପରି ଆନୁସଙ୍ଗିକ ବ୍ୟବସ୍ଥା କରାଯିବ। ଓଡ଼ିଶାର ପ୍ରତିଟି ଜିଲ୍ଲାରେ 'ସଖୀ ବୁଥ୍' କାର୍ଯ୍ୟ କରିବ। ଭାରତୀୟ ଗଣତନ୍ତ୍ରର ମହାପର୍ବରେ ନାରୀଶକ୍ତି ଦ୍ୱାରା ପରିଚାଳିତ 'ସଖୀ ବୁଥ୍'ଗୁଡ଼ିକ ସମଗ୍ର ବିଶ୍ୱ ପାଇଁ ଉଦାହରଣ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

## କଂଗ୍ରେସରେ 'ଇସ୍ତାହାର' ବିବାଦ; ମୁହଁ ଖୋଲିଲେ ପଞ୍ଚାନନ

**ଭୁବନେଶ୍ୱର,୧୯ ।୩(ସମିସ):** ଆସନ୍ତା ନିର୍ବାଚନ ନିମନ୍ତେ ରାଜ୍ୟ କଂଗ୍ରେସ ନିକଟରେ ଦଳର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛି। ୧୦ ଟି ଗ୍ୟାରେଣ୍ଟି ସହ ମହିଳା, ଚାଷୀ ଓ ଯୁବକଙ୍କୁ ଆକୃଷ୍ଟ କରିବାକୁ ଏକ ଇସ୍ତାହାରରେ ବିଭିନ୍ନ ପ୍ରସଙ୍ଗ ଉଲ୍ଲେଖ କରିଛି। ମାତ୍ର ଦଳ ଇସ୍ତାହାରକୁ ରାଜ୍ୟବାସୀଙ୍କ ନିକଟକୁ ଯିବା ପୂର୍ବରୁ ସୃଷ୍ଟି ହୋଇଛି ବିବାଦ।

ଇସ୍ତାହାର କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ କଂଗ୍ରେସ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ଏହି ଇସ୍ତାହାର ତାଙ୍କ କମିଟି ଦ୍ୱାରା ନୁହେଁ; ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବୋଲି ଶ୍ରୀ କାନୁନଗୋ ଅଭିଯୋଗ କରିଛନ୍ତି।

ପଞ୍ଚାନନ କହିଛନ୍ତି ଯେ କଂଗ୍ରେସର ଇସ୍ତାହାର ପ୍ରସ୍ତୁତି ଦାୟିତ୍ୱ ତାଙ୍କ ଉପରେ ରହିଥିଲା। ଏ ନେଇ ଏକ କମିଟି ଗଠନ ହୋଇଥିଲା ଓ ସେଥିରେ ତାଙ୍କୁ ଅଧ୍ୟକ୍ଷ ରଖା ଯାଇଥିଲା। ସମସ୍ତଙ୍କ ସହିତ ପରାମର୍ଶ କ୍ରମେ ସେ ଇସ୍ତାହାର ପ୍ରସ୍ତୁତ କରିଥିଲେ। ଏଥିରେ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦିଆଯାଇ ଥିଲା। ତେବେ ଏଥିରେ ତାଙ୍କ ଟିମ୍ ଦ୍ୱାରା ପ୍ରସ୍ତୁତ ଗ୍ୟାରେଣ୍ଟିରୁ ଦୁଇଟି ଗ୍ୟାରେଣ୍ଟିକୁ ହଟାଇ ଦିଆଯାଇଛି। ଯେଉଁଥିରେ ରାଜ୍ୟର ମଧୁମେହ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯିବା ସହିତ ଏକ ପ୍ରତିଶ୍ରୁତି ରହିଥିଲା ଓ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ସଂକ୍ରାନ୍ତ ଅନ୍ୟଏକ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହି ଦୁଇଟି ପ୍ରତିଶ୍ରୁତିକୁ କିଏ ଓ କାହିଁକି ବାଦ ଦେଲେ ତାହା ତାଙ୍କୁ ବିସ୍ମିତ କରିଛି ବୋଲି କହିଛନ୍ତି ପଞ୍ଚାନନ।

ସେ ଆହୁରି କହିଛନ୍ତି ଯେ କଂଗ୍ରେସର ଇସ୍ତାହାର ଘୋଷଣା ପୂର୍ବରୁ ସେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଏକ ଫାଇଲ୍‌ରେ ଇସ୍ତାହାର ସଂକ୍ରାନ୍ତ ଦସ୍ତାବିଜ ହସ୍ତାନ୍ତର କରିଥିଲେ। ଠିକ୍ ଏହା ପରେ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଗୋଟିଏ ଫାଇଲରେ ଆଉ ଗୋଟିଏ ଇସ୍ତାହାର ପତ୍ର ପିସିସି ସଭାପତିଙ୍କୁ ପ୍ରଦାନ କରିଥିଲେ। ବିଜୟ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଇସ୍ତାହାରରେ ପଞ୍ଚାନନ କାନୁନଗୋଙ୍କ ଦ୍ୱାରା ପ୍ରସ୍ତୁତ ଇସ୍ତାହାରରୁ ଦୁଇଟି ପ୍ରମୁଖ ପ୍ରତିଶୃତିକୁ ବାଦ୍ ଦିଆଯାଇଛି ବୋଲି ସେ କହିଛନ୍ତି। ସେ ଇସ୍ତାହାର ଘୋଷଣାର ପୂର୍ବଦିନ ଏହାର ନକଲବିଜୟ ପଟ୍ଟନାୟକଙ୍କ ସମେତ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଦେଖିବାକୁ ଦେଇଥିଲେ। ଏହାପରେ କିପରି ଏହି ଇସ୍ତାହାରରୁ ଦୁଇଟି ପ୍ରସ୍ତୁତ ବାଦ୍ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ତାଙ୍କ ଦ୍ୱାରା ପ୍ରସ୍ତୁତ ଇସ୍ତାହାର ବା ଗ୍ୟାରେଣ୍ଟି ପତ୍ରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ପ୍ରଭାରୀ ଡ. ଅଜୟ କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଫଟୋ ରହିଥିଲା। ମାତ୍ର ଗଣମାଧ୍ୟମକୁ ଆସିଥିବା ଗ୍ୟାରେଣ୍ଟି ପତ୍ରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ପ୍ରଭାରୀ ଡ. ଅଜୟ କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଫଟୋ ସହିତ ପ୍ରଚାର କମିଟି ଅଧ୍ୟକ୍ଷ ଥିବା ବିଜୟ ପଟ୍ଟନାୟକଙ୍କ ଫଟୋ ରହିଥିବା ସେ ଅଭିଯୋଗ କରିଛନ୍ତି।

କଂଗ୍ରେସର ଏହି ଇସ୍ତାହାର ବିବାଦ ଦଳରେ ଏବେ ନୂଆ ସଙ୍କଟ ସୃଷ୍ଟି କରିଛି ଓ ବରିଷ୍ଠ ନେତାଙ୍କ ମଧ୍ୟରେ ବିଭାଜନ ରେଖା ଟାଣିଛି। ଗୋଟିଏ ପଟେ କଂଗ୍ରେସରୁ ଜଣଙ୍କ ପରେ ଜଣେ ନେତା ଦଳ ଛାଡୁଥିବା ବେଳେ ଏବେ ଦଳର ବରିଷ୍ଠ ନେତାଙ୍କ ମଧ୍ୟରେ ଇସ୍ତାହାରକୁ ନେଇ ଆରମ୍ଭ ହୋଇଥିବା ଶୀତଳ ଯୁଦ୍ଧ କିପରି ପ୍ରଭାବ ପକାଇବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଫେଲ୍ ମାରୁଛି ରଣନୀତି

# ସୁରକ୍ଷିତ ହୋଇପାରୁନି କାରାଗାର

**ଭୁବନେଶ୍ୱର,୧୯ ।୩(ସମିସ):** ରାଜ୍ୟର ବିଭିନ୍ନ ଜେଲରେ ହାଇ-ସିକ୍ୟୁରିଟି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସିସିଟିଭି କ୍ୟାମେରା ସହ ୱାର୍ଡେନଙ୍କ ପହଁରାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରହଣ କରାଯାଇଛି। କିନ୍ତୁ ଗତ କିଛି ଦିନ ହେବ, ରାଜ୍ୟର ଏକାଧିକ ଜେଲରେ ଘଟିଥିବା କିଛି ଘଟଣା, ଜେଲଗୁଡ଼ିକର ଢିଲା ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ଏକାଧିକ ଜେଲରେ ଗ୍ୟାଙ୍ଗୱାର ହେବା ସହ କଏଦୀ ଚମ୍ପଟ ମାରିବା ଜେଲ ବିଭାଗକୁ ଅଡୁଆରେ ପକାଇଛି।

- ■ ହାଇ-ସିକ୍ୟୁରିଟି ଜୋନ୍‌ରେ ହେଉଛି ଗ୍ୟାଙ୍ଗୱାର, କଏଦୀ ମାରୁଛନ୍ତି ଚମ୍ପଟ
- ■ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଜେଲ୍ ଡିଜିଙ୍କ ନିର୍ଦ୍ଦେଶ
- ■ ଗୋଟିଏ ଜେଲ୍‌ରେ ରହିବେ ନାହିଁ ଏକାଧିକ ଗ୍ୟାଙ୍ଗଷ୍ଟର
- ■ ଜେଲ୍‌ରେ ଲାଗିବ ଜାମର, ମୋବାଇଲ ଡିଟେକ୍ଟର
- ■ ପ୍ରତି ସପ୍ତାହରେ ଚଢ଼ଉ ପାଇଁ ନିର୍ଦ୍ଦେଶ

ଗତ ୭ଦିନ ତଳେ ନୟାଗଡ଼ ଜେଲରେ ଦୁଇ କଏଦୀ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ନିଜ ଗ୍ୟାଙ୍ଗର ଦବ୍‌ଦବା ଦେଖାଇବା ପାଇଁ ଜେଲରେ ଏଭଳି ଗ୍ୟାଙ୍ଗ୍‌ୱାର୍ ଘଟୁଛି। ସେହିପରି ୩ଦିନ ତଳେ ଖୋର୍ଦ୍ଧା ଜେଲ ଭିତରେ ଦୁଇ ଅପରାଧୀଙ୍କ ଗୋଷ୍ଠୀ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ କଏଦୀ ଆହତ ହୋଇଥିଲେ। ପୁଲିସ୍ ଇନ୍‌ଫର୍ମର ସନ୍ଦେହରେ ଜଣେ ଅପରାଧୀଙ୍କୁ ଆଉ କିଛି ଅପରାଧୀ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଜେଲ ସୁପରିଟେଣ୍ଡେଣ୍ଟ ଖୋର୍ଦ୍ଧା ଆଦର୍ଶ ଥାନାରେ ୭ଜଣଙ୍କ ନାଁରେ ଏତଲା ଦେଇଛନ୍ତି। କିଛି ଦିନ ତଳେ, ସେହି ଖୋର୍ଦ୍ଧା ଜେଲରୁ ପୁଳାପୁଳା ମୋବାଇଲ ଜବତ ହୋଇଥିଲା। ସେହି ମୋବାଇଲ ଜରିଆରେ ଅପରାଧୀମାନେ ଜେଲ୍ ଭିତରୁ ନେଟୱର୍କ ଚଳାଇ ଆସୁଥିଲେ।

ସେହିପରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପକାରାଗାରର ଢିଲା ସୁରକ୍ଷା ବ୍ୟବସ୍ଥାର ଫାଇଦା ନେଇ ୨ଜଣ କଏଦୀ ଫେରାର ହୋଇଯାଇଥିଲେ। ଉଭୟ ଭିନ୍ନଭିନ୍ନ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସଜା କାଟୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖୋଲାବନ୍ଦ ରଣା ୩ବର୍ଷ ହେଲା ଦଣ୍ଡ ଭୋଗୁଥିବା ବେଳେ ଓ ସୁମିତ କୁମାର ବିହାରୀ ୨ ବର୍ଷ ହେଲା ଜେଲ୍‌ରେ ଥିଲା। ଜେଲ୍‌ର ପ୍ରାୟ ୧୪ ଫୁଟ୍ ଉଚ୍ଚ କାନ୍ଥ ଡେଇଁ ଦୁଇ ହତ୍ୟାକାରୀ ଫେରାର ହୋଇଯାଇଥିଲେ। କିନ୍ତୁ ଜେଲ୍‌ରୁ ଫେରାର୍ ହେବା ପରେ ଏଯାବତ୍ ସେମାନେ ଧରାପଡ଼ି ନାହାନ୍ତି।

ଏହି ୩ଟି ଘଟଣାର ତଦନ୍ତ ଚାଲିଥିବା ବେଳେ ଆଜି ଝାରପଡ଼ା ଜେଲରେ ପୁଣି ଗୋଟିଏ ବଡ଼ଧରଣର ଅପରାଧ ଘଟିଛି। ଦୁର୍ଦ୍ଦାନ୍ତ ଚକରା ଗୋଷ୍ଠୀ ଆକ୍ରମଣରେ ଅନ୍ୟ ଜଣେ ଦୁର୍ଦ୍ଦାନ୍ତ ଶମ୍ଭୁନାଥଙ୍କ ଆଖିରେ ଗୁରୁତର ଆଘାତ ଲାଗିଛି। ରାଜଧାନୀରେ ଥିବା ହାଇସିକ୍ୟୁରିଟି ଜେଲର ଅବସ୍ଥା ଦେଖିବା ପରେ ଅନ୍ୟ ଜିଲ୍ଲାରେ ଥିବା ଜେଲ୍ ଅବସ୍ଥା କିଭଳି ଥିବା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ପୂର୍ବରୁ ମଧ୍ୟ ଖୋର୍ଦ୍ଧା ଜେଲରେ ଥିବା ନିଶା ମାଫିଆ ଫୋନ୍ ବ୍ୟବହାର କରି ନିଶା କାରବାର ରାକେଟ୍ ଚଳାଉଥିଲେ। ପୁଲିସ ବାହାରେ ନିଶା କାରବାର କରୁଥିବା ଗ୍ୟାଙ୍ଗକୁ ଧରିବା ପରେ ଜେଲରେ ମୋବାଇଲ ବ୍ୟବହାର ହେଉଥିବା ନେଇ ସ୍ପଷ୍ଟ ହୋଇଥିଲା।

ଏଭଳି ଏକାଧିକ ଘଟଣା ଘଟିବା ପରେ ଜେଲ ଡିଜି ଏ ଏମ୍ ପ୍ରସାଦ କଡ଼ା ପଦକ୍ଷେପ ନେଇଛନ୍ତି। ଏହି ସବୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ ଜେଲରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବା ପାଇଁ ଜାମର ଏବଂ ମେଟାଲ ଡିଟେକ୍ଟର କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍ ଭିତରକୁ ମୋବାଇଲ ଏବଂ ନିଶାଦ୍ରବ୍ୟ ଯାଉଥିବାରୁ ଗଠନ କରାଯାଇଥିବା ଟିମ୍ ପ୍ରତି ସପ୍ତାହରେ ଚଢ଼ଉ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବଡ଼ କଥା ହେଲା, ବିଭିନ୍ନ ଜେଲ୍‌ରେ ଥିବା ଏକାଧିକ ଗ୍ୟାଙ୍ଗ୍‌ଷ୍ଟାରଙ୍କୁ ଗୋଟିଏ ଜେଲ୍‌ରେ ରଖାଯିବନାହିଁ। ସେମାନଙ୍କୁ ଭିନ୍ନଭିନ୍ନ ଜେଲ୍‌ରେ ରଖାଯିବାକୁ କୁହାଯାଇଛି।

# ଝାରପଡ଼ା ଜେଲ୍‌ରେ ଗ୍ୟାଙ୍ଗ୍‌ୱାର୍

## ଦୁର୍ଦ୍ଦାନ୍ତ ଚକରା ଗୋଷ୍ଠୀ ମାଡ଼ରେ ଶମ୍ଭୁନାଥ ଗୁରୁତର

**ଭୁବନେଶ୍ୱର,୧୯ ।୩(ସମିସ):** ନିଶା କାରବାରକୁ ନେଇ ଝାରପଡ଼ା ଜେଲରେ ଗ୍ୟାଙ୍ଗ୍‌ୱାର୍। ଦୁର୍ଦ୍ଦାନ୍ତ ଅପରାଧୀ ଚକ୍ରଧର ବାରିକ୍ ଓରଫ୍ ଚକରା ଆକ୍ରମଣରେ ବିଚାରଧୀନ କଏଦୀ ଶମ୍ଭୁନାଥ ବାରିକ ଗୁରୁତର ଆହତ ହୋଇଛି। ଶମ୍ଭୁନାଥକୁ ପ୍ରଥମେ ଜେଲ୍ ହସ୍ପିଟାଲ ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତା' ଆଖିରେ ଗଭୀର ଆଘାତ ଲାଗିଛି। ଏହି ଗୋଷ୍ଠୀ ସଂଘର୍ଷରେ ଅନ୍ୟ ଗୋଷ୍ଠୀର ଆଉ ୩ଜଣ ଆହତ ବି ହୋଇଛନ୍ତି। ସେମାନେ ଜେଲ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ଜେଲ୍ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କ ଏତଲା ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପୁଲିସ୍ ଜେଲ୍ କର୍ତ୍ତୃପକ୍ଷଙ୍କୁ କିଛି ତଥ୍ୟ ମାଗିଛି। ଏହାସହ ଯେଉଁ ସ୍ଥାନରେ ଗଣ୍ଡଗୋଳ ହୋଇଥିଲା, ସେଠକାର ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ୍ ତଦନ୍ତ ଚଳାଇଛି। ଆଗାମୀ ଦିନରେ ଅନ୍ୟ ଅନ୍ତେବାସୀଙ୍କୁ ପଚରାଉଚରା କରାଯିବ।

- ● ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି
- ● ଲକ୍ଷ୍ମୀସାଗର ଥାନାରେ ମାମଲା
- ● ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲା ବିଭାଗ

ଅପରପକ୍ଷେ ଜେଲ୍ ଭିତରେ ଅନ୍ତେବାସୀଙ୍କ ମଧ୍ୟରେ ମାରପିଟ୍ ଜେଲ୍ ବିଭାଗ ପାଇଁ ଅଡୁଆ ବଢ଼ାଇଛି। କେଉଁ ପରିସ୍ଥିତିରେ ଏହି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା, ଏହାକୁ ଗୁରୁତ୍ୱର ସହ ନେଇଛି କାରାଗାର ବିଭାଗ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଲାଗି ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। ତେବେ ଏହି ଗ୍ୟାଙ୍ଗ୍‌ୱାର ପଛରେ ଚକରାର ସମ୍ପୃକ୍ତି ରହିଥିବାରୁ ତାକୁ ଅନ୍ୟ




ଜେଲ୍‌କୁ ସ୍ଥାନାନ୍ତର କରିବା ଲାଗି ଯୋଜନା କରାଯାଉଛି।

ପୁଲିସର କହିବା ଅନୁଯାୟୀ, ଗତକାଲି ଅପରାହ୍ଣରେ ଜେଲ୍‌ର କ୍ୟାଣ୍ଟିନ୍ ନିକଟରେ ଚକରା ଓ ଓ ଶମ୍ଭୁନାଥ ମଧ୍ୟରେ କଥା କଟାକଟିରୁ ବିବାଦ ଆରମ୍ଭ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଚକରା, ପପୁନ ମାଝି ଓ ଜଗନ୍ନାଥ ମହାନ୍ତି ମିଶି ଶମ୍ଭୁନାଥଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଆକ୍ରମଣରେ ଶମ୍ଭୁନାଥ ଆଖିରେ ଗୁରୁତର ଆଘାତ ଲାଗିଥିଲା। ସୂଚନାଯୋଗ୍ୟ, ୨୦୨୨ ମେ'ରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଘାଇଲା ହୋଇଥିଲା ଦୁର୍ଦ୍ଦାନ୍ତ ଅପରାଧୀ ଚକରା। ସେବେଠୁ ଝାରପଡ଼ାରେ ଥିବା ଚକରା ଜେଲ୍ ଭିତରେ ନିଜ ଗ୍ୟାଙ୍ଗ୍ ଗଢ଼ିଥିଲା। ନିଜ ଗ୍ୟାଙ୍ଗ ଜରିଆରେ ସେ ଜେଲ୍ ଭିତରେ ନିଶା କାରବାର ଚଳାଇ ଆସୁଥିଲା। ଏହାକୁ ଶମ୍ଭୁନାଥ ବିରୋଧ କରୁଥିବାରୁ ତାକୁ ଆକ୍ରମଣ କରାଯାଇଥିବା କୁହାଯାଉଛି। ଅପରପକ୍ଷେ, ଶମ୍ଭୁନାଥ ବି ନିଶା କାରବାର ପାଇଁ ଏନ୍‌ଡିପିଏସ୍ ମାମଲାରେ ଗିରଫ ହୋଇ ଜେଲ୍‌ରେ ଅଛି। ଜେଲ ଚାରିକାନ୍ଥ ଭିତରେ ବହୁବାର ଅପରାଧର ଯୋଜନା, ଜେଲ୍ ଭିତରକୁ ଅବାଧରେ ନିଶାଦ୍ରବ୍ୟ କରିବାରେ ତା' ହାତ ଥିଲା। ତେଣୁ ଏହି ନିଶା କାରବାରକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧ୍ୟରେ ଏହାକୁ ନେଇ ଛକାପଞ୍ଝା ଲାଗି ରହିଥିଲା ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଅଭିଯୁକ୍ତ ଚକରା ନାମରେ ୨୦ରୁ ଅଧିକ ମାମଲା ରହିଛି। ଜେଲରେ ଥାଇ ବାରମ୍ବାର ଅପରାଧ ଘଟାଉଥିବାରୁ କୋର୍ଟରେ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଚକରାକୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଯୋଜନା ଚାଲିଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏଥିସହ ଜେଲ ପରେଡ୍‌କୁ ଆହୁରି କ୍ରିୟାଶୀଳ କରିବା ସହ ଜେଲରେ ଅଚାନକ ଚଢ଼ଉ ଲାଗି ଯୋଜନା କରାଯାଉଥିବା ପୁଲିସ କହିଛି।

ପୁରୀ ବଲିଆପଣ୍ଡା ଡମ୍ପିଂୟାର୍ଡ ପାଇଁ ପ୍ରଦୂଷଣ ପ୍ରସଙ୍ଗ

# କେନ୍ଦ୍ରୀୟ ଭୂତଳ ଜଳବୋର୍ଡର ରିପୋର୍ଟକୁ ନେଇ ଏନ୍‌ଜିଟିଙ୍କ ଉଦ୍‌ବେଗ

**କଟକ, ୧୯ ।୩(ସମିସ):** ପୁରୀ ସହର ବଲିଆପଣ୍ଡାସ୍ଥିତ ଡମ୍ପିଂୟାର୍ଡ ପାଇଁ ବ୍ୟାପକ ପ୍ରଦୂଷଣ ହେଉଥିବା ତଥା ସମୁଦ୍ର କୂଳଠାରୁ ମାତ୍ର ୧୦୦ ମିଟର ଦୂରରେ ରହିଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)। ଏହି ମାମଲାରେ କେନ୍ଦ୍ରୀୟ ଭୂତଳ ଜଳବୋର୍ଡର ସୁପାରିଶଗୁଡ଼ିକ ପୁରୀ ପୌରପାଳିକା କାର୍ଯ୍ୟକାରୀ କରିନାହିଁ। ଅନ୍ୟପଟରେ ଡମ୍ପିଂ ନିକଟରେ ରହୁଥିବା ଲୋକମାନଙ୍କୁ ସ୍ଥାନାନ୍ତର ପାଇଁ 'କଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ଏନ୍‌ଜିଟି କହିଛନ୍ତି। ଚାରି ସପ୍ତାହ ମଧ୍ୟରେ ପୁରୀ ମ୍ୟୁନିସିପାଲିଟିକୁ ଏକ ସାନି ସତ୍ୟପାଠ ଦାଖଲ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଚିନ୍ମୟ ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଜିଟି। ଡମ୍ପିଂ ଆଖପାଖ ଭୂତଳ

**ସାନି ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ**

ଜଳରେ ଦୂଷିତ ପଦାର୍ଥ ରହିଥିବା ଉଲ୍ଲେଖ କରାଯାଇଛି। ବୋରୱେଲ, ହ୍ୟାଣ୍ଡପମ୍ପ ଓ ଡଗୱେଲରୁ ୨୯ଟି ଭୂତଳ ଜଳ ନମୁନା ସଂଗ୍ରହ କରାଯାଇଛି। ପୁରୀର ବଲିଆପଣ୍ଡା ଡମ୍ପିଂ ନିକଟବର୍ତ୍ତୀ ଅଞ୍ଚଳର ୧୬ଟି ନମୁନାରେ ନାଇଟ୍ରେଟ୍ ଏବଂ ପଲିନ୍ୟୁକ୍ଲିୟର ହାଇଡ୍ରୋକାର୍ବନ ମାତ୍ରାଧିକ ରହିଛି। ଏଥିପାଇଁ ଭୂତଳ ଜଳ ଦୂଷିତ ହେଉଥିବା ସ୍ପଷ୍ଟ ହୋଇଛି। ୩ ହଜାର ପରିବାର ଡମ୍ପିଂୟାର୍ଡ ନିକଟ ସରକାରୀ ଜମିରେ ରହୁଥିବା ନେଇ ପୌରପାଳିକା ପକ୍ଷରୁ ଅବଗତ କରାଯାଇଛି। ସେହିପରି ୯୯ ଲକ୍ଷ ଟଙ୍କାରେ ପାଚେରୀ ପାଇଁ ଟେଣ୍ଡର୍ ଆହ୍ୱାନ ହୋଇଥିବା ସତ୍ୟପାଠରେ ଉଲ୍ଲେଖ ରହିଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫରାଜ ସୁହେଲ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ମେ' ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

# ହାଇକୋର୍ଟ ୱେବସାଇଟ୍‌ରେ ସୂଚିତ ହେବ ମାମଲାର ତ୍ରୁଟି

**କଟକ,୧୯ ।୩(ସମିସ):** ଯଦି କୌଣସି ମାମଲାରେ ତ୍ରୁଟି ଦେଖାଯାଏ, ତେବେ ଏହି ତ୍ରୁଟି ହାଇକୋର୍ଟର ୱେବ୍‌ସାଇଟ୍‌ରେ ସୂଚିତ କରାଯିବ। ସେହିପରି ଏହି ମାମଲାର ରେକର୍ଡ ଏକ ପୃଥକ୍ ବିଭାଗ ଯଥା କମ୍ପ୍ୟୁଟର ଫାଇଲ୍ (ଡିଫେକ୍ଟ ଶାଖା)ରେ ରଖାଯିବ। କୋର୍ଟର ୱେବସାଇଟ୍‌ରେ ତ୍ରୁଟି ବିଷୟରେ ସୂଚନା ଦିଆଯିବାର ଏକ ମାସ ଭିତରେ ସଂପୃକ୍ତ ଓକିଲ କିମ୍ବା ପକ୍ଷଙ୍କ ଦ୍ୱାରା ମାମଲାରେ ରହିଥିବା ତ୍ରୁଟି ସୁଧାରାଯାଇପାରିବ। ଏ ସଂକ୍ରାନ୍ତରେ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସେହିପରି ନୂତନ ପଞ୍ଜୀକରଣ ବ୍ୟବସ୍ଥା ଅଧୀନରେ କୋର୍ଟରେ ଦାଖଲ ହୋଇଥିବା ମାମଲାରେ ଚିହ୍ନଟ ହୋଇଥିବା ତ୍ରୁଟିକୁ ପରିବର୍ତ୍ତିତ ଷ୍ଟାଣ୍ଡିଂ ଆଦେଶନାମା ପ୍ରକାଶ ତାରିଖଠାରୁ ଏକ ମାସ ମଧ୍ୟରେ ହଟାଯିବ।

# ଆଜି ସରିବ +୨ ପରୀକ୍ଷା: ୨୨ରୁ ଖାତାଦେଖା

**ଭୁବନେଶ୍ୱର, ୧୯ ।୩(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ବୁଧବାର ଶେଷ ହେବ। ଶେଷ ଦିନ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ରହିଛି। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇବ। ନିର୍ବାଚନକୁ ଦୃଷ୍ଟିରେ ରଖି ମେ' ୧୫ ତାରିଖ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରିବାର ଯୋଜନା ଥିବା ପୂର୍ବରୁ ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି। ପରୀକ୍ଷା ସରିବାର ଦୁଇଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୨ ତାରିଖରୁ ଖାତାଦେଖା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ମାର୍ଚ୍ଚ ୨୨ ତାରିଖରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ଏପ୍ରିଲ ୪ରୁ ଏପ୍ରିଲ ୧୫ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ଅନ୍ୟବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ଅନ୍‌ଲାଇନରେ ଖାତାଦେଖା ହେବାକୁ ଥିବା ବେଳେ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ ହେବ। ଚଳିତବର୍ଷ ଖାତାଦେଖାରେ ପ୍ରାୟ ୧୫ହଜାର ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନିଯୁକ୍ତ କରାଯିବ। ସୂଚନାଯୋଗ୍ୟ, ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ତନ୍ମଧ୍ୟରୁ ରେଗୁଲାର୍ ୩ଲକ୍ଷ ୬୦ ହଜାର ୧୯୮ ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ ଜଣ ରହିଛନ୍ତି। କଳାରେ ୨ ଲକ୍ଷ ୩୭ ହଜାର ୭୫୦, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ଜଣ ପରୀକ୍ଷା ଦେଉଥିବା ବେଳେ ଧନ୍ଦାମୂଳକରେ ୫ହଜାର ୭୯୧ ଜଣ ଏଥର ପରୀକ୍ଷା ଦେଉଛନ୍ତି।

# ବିଜେଡିରେ ଯୋଗଦେଲେ ସୋର ପୌରାଧ୍ୟକ୍ଷ ମାଧବ ଧଡ଼ା

**ଭୁବନେଶ୍ୱର/ସୋର,୧୯ ।୩(ସମିସ):** ବାଲେଶ୍ୱର ବିଜେପିକୁ ପୁଣି ଝଟ୍‌କା। ସୋର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୋର ପୌରପରିଷଦର ଅଧ୍ୟକ୍ଷ ମାଧବ ଧଡ଼ା ନିଜର ଶତାଧିକ ସମର୍ଥକ ତଥା ବିଜେପି କର୍ମୀଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଓ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି।



ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ଜେନା ଓ ବିଧାୟକ ଶ୍ରୀ ଧଡ଼ା ଉପଢ୍ୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ମାଧବ ଧଡ଼ା, ବରିଷ୍ଠ ବିଜେପି ନେତା ଶେଖ ଲିଆକତ୍ ଅଲ୍ଲୀ, ଦିଲ୍ଲୀପ କୁମାର କର, ଜନ୍ମେଜୟ ପଣ୍ଡା ଓ ତାଙ୍କ ସମର୍ଥକଙ୍କ ଯୋଗଦାନ ଫଳରେ ବାଲେଶ୍ୱର ଜିଲ୍ଲା ବିଶେଷକରି ସୋର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଉଭୟ ନେତୃତ୍ୱ ବିଶ୍ୱାସବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ମାଧବ ଧଡ଼ା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ରୂପାନ୍ତରଣ ଅଭିଯାନକୁ ଆଜି ସମଗ୍ର ଦେଶ ପ୍ରଶଂସା କରୁଛି। ନିଜର

**ବିଜେପି ଛାଡ଼ିଲେ ଶତାଧିକ କର୍ମୀ**

ଲୋକାଭିମୁଖୀ ଶାସନ ପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଦେଶର ୧ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଆଖ୍ୟା ପାଇ ଚାଲିଛନ୍ତି। ନବୀନ ପଟ୍ଟନାୟକ ହେଉଛନ୍ତି ଜଣେ ଦରଦୀ ନେତା। ସମସ୍ୟାରେ ପଡ଼ିଥିବା ଗରିବ ଲୋକଙ୍କ ଦୁଃଖ ସେ ବୁଝନ୍ତି। '୫-ଟି' ଉପକ୍ରମ ଅଧୀନରେ ରାଜ୍ୟରେ ଯେଉଁ ବିକାଶ ପର୍ବ ଚାଲିଛି, ତାକୁ ନେଇ ସବୁ ଓଡ଼ିଆ ଗର୍ବିତ। ମୁଖ୍ୟମନ୍ତ୍ରୀଙ୍କର ଏହି କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆଜି ଆମେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ଦଳରେ ମୋତେ ଓ ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ଶ୍ରୀ ଧଡ଼ା କହିଥିଲେ। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

ନିଜ ନିର୍ଦ୍ଦେଶକୁ ରେରା କାର୍ଯ୍ୟକାରୀ କରି ନ ପାରିବା ପ୍ରସଙ୍ଗ

# ଏପ୍ରିଲ୨ରେ ପୂର୍ଣ୍ଣାଙ୍ଗ ଶୁଣାଣି

**କଟକ,୧୯ ।୩ (ସମିସ):** ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ରେରା) ନିଜ ନିର୍ଦ୍ଦେଶକୁ ନିଜେ କାର୍ଯ୍ୟକାରୀ କରିପାରୁନଥିବା ବେଳେ ଏହି ସମସ୍ତ ମାମଲାରେ ଆବେଦନକାରୀମାନଙ୍କୁ ପୁଣି ସିଭିଲ କୋର୍ଟକୁ ଯିବାକୁ ପଡୁଛି। ନିଜ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଓରେରାର ଆଇନର ରୁଲ୍୨୬ ଅନୁସାରେ କ୍ଷମତା ରହିଥିଲେ ମଧ୍ୟ ମାମଲାକୁ ସିଭିଲ କୋର୍ଟକୁ ପଠାଇ ଦିଆଯାଉଛି। ଫଳରେ ଗୃହକ୍ରେତା ପକ୍ଷ କ୍ଷତିପୂରଣ ଓ ଦଖଲ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରସଙ୍ଗରେ ରୁଜୁ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ଏପ୍ରିଲ୨କୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ରେରା ପକ୍ଷରୁ ଆଇନଜୀବୀ ଅତିରିକ୍ତ ଦୁଇ ସପ୍ତାହ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି। ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟବ୍ୟାପୀ ମୋଟ ୧୨୮ଟି ମାମଲାକୁ ରେରା ପକ୍ଷରୁ ଓପିଡିଆର କର୍ତ୍ତୃପକ୍ଷ ତଥା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପଠାଯାଇଛି। ମୋଟ ୧୫୩ଟି ରିକଭରି ଅଫ୍ ମନି ମାମଲାରେ ୧୯ କୋଟି ୮୭ ଲକ୍ଷ ୬ ହଜାର ୫୦୦ଟଙ୍କା ଜରିମାନା ଧାର୍ଯ୍ୟ ହୋଇଥିଲେ ମଧ୍ୟ ମାତ୍ର ୪୦ ଲକ୍ଷ ୪ହଜାର ଟଙ୍କା ଅର୍ଥ ରିକଭରି ହୋଇପାରିଥିବା ନେଇ ରେରା ପକ୍ଷରୁ ସତ୍ୟପାଠ ଦେଇଥିଲା। ରେରା ୨୦୧୭ରୁ ଗଠନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଜର ଗୋଟିଏ ମଧ୍ୟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିପାରିନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ସାରା ରାଜ୍ୟରେ ବର୍ଷା, କୋହଲା ପାଗ

**ଭୁବନେଶ୍ୱର, ୧୯ ।୩ (ସମିସ):** ସାରା ରାଜ୍ୟରେ କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ମଙ୍ଗଳବାର ଦିନତମାମ ରାଜ୍ୟରେ ଏଭଳି ସ୍ଥିତି ଯୋଗୁଁ ଅଧିକାଂଶ ସ୍ଥାନରେ ତାପମାତ୍ରା ପ୍ରାୟ ୫-୭ ଡିଗ୍ରୀ ପର୍ଯ୍ୟନ୍ତ ତଳକୁ ଖସିଛି। ଏହାଦ୍ୱାରା ତାତି ଓ ଗୁଳୁଗୁଳିରୁ ସାମୟିକ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ବର୍ଷାର ପ୍ରଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗତ ୩୬ ଘଣ୍ଟାରେ ଯାଜପୁରରେ ସର୍ବାଧିକ ୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା

- ■ ଯାଜପୁରରେ ଢାଳିଲା ୬୬ ମିମି
- ■ ୨୩ ଡିଗ୍ରୀକୁ ଖସିଗଲା ଦିନ ତାପମାତ୍ରା
- ■ ଆସନ୍ତାକାଲି ବି ରହିବ ସମାନ ସ୍ଥିତି
- ■ ୨୨ ପରେ ତାପମାତ୍ରା ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ

ବେଳେ ହୀରାକୁଦରେ ୩୦ ମିମି, ଦାରିଙ୍ଗବାଡ଼ି ୨୬, ଝାରସୁଗୁଡ଼ାରେ ୨୪, ଢେଙ୍କାନାଳରେ ୨୧, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୧୭, ତାଳଚେର ୧୫, ଦେବଗଡ଼ ୧୪ ଓ ଅନୁଗୁଳରେ ୧୦ ମିମି ବର୍ଷା ରେକର୍ଡ କରାଯାଇଛି। ଏହାବ୍ୟତୀତ ଅନ୍ୟ ଅଞ୍ଚଳଗୁଡ଼ିକରେ ମଧ୍ୟ ବର୍ଷାର ପରିମାଣ ୧-୧୦ ମିମି ମଧ୍ୟରେ ରେକର୍ଡ କାରଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ଭଳି ବୁଧବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଏଭଳି ପାଗ ଜାରି ରହିବ। ମୁଖ୍ୟତଃ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ପବନ ବହିବାର ଥିବା ବେଳେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ ଓ ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭-୧୧ସେମି) ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରାଯାଇଛି। ରାଜ୍ୟ ଉପରେ ବର୍ତ୍ତମାନ ଏକ ନିମ୍ନଚାପ ଓ ଗୁରୁଚାପବଳୟର ପ୍ରଭାବ ରହୁଛି। ଯେଉଁଥିପାଇଁ ସୋମବାର ରାତିଠାରୁ ଉତ୍ତର ଓଡ଼ିଶା ବିଭିନ୍ନ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଦିନତମାମ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ତେବେ ବର୍ତ୍ତମାନ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ହୋଇଛି। ମଙ୍ଗଳବାର ୭ଟି ସ୍ଥାନରେ ତାପମାତ୍ରା ୨୭ ଡିଗ୍ରୀ ତଳେ ରହିଥିବା ବେଳେ ୨୩.୮ ଡିଗ୍ରୀ ସହ ଢେଙ୍କାନାଳରେ ରାଜ୍ୟର ଦିନର ତାପମାତ୍ରା ସବୁଠାରୁ କମ୍ ରେକର୍ଡ ହୋଇଛି। ଏହି ସ୍ଥିତି ଆହୁରି ୨-୩ ଦିନ ଜାରି ରହିବା ସହ ୨୨ ତାରିଖଠାରୁ ତାପମାତ୍ରା ଧୀରେଧୀରେ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ୨୨ରୁ ୨୮ ତାରିଖ ପରେ କିଛି ଜିଲ୍ଲାରେ ତାପମାତ୍ରା ୪-୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ଓ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ନିକଟତର ହେବ।



# ମରାମତି ସରିଲା ନାଟମଣ୍ଡପ ମୁଖ୍ୟ ବିମ୍

**ପୁରୀ, ୧୯ ।୩(ସମିସ):** ଶ୍ରୀମନ୍ଦିର ନାଟମଣ୍ଡପର ମୁଖ୍ୟ ବିମ୍‌ରେ ହୋଇଥିବା ଫାଟର ମରାମତି ପାଇଁ ଧାର୍ଯ୍ୟ ସମୟ ମଙ୍ଗଳବାର ଶେଷ ହେଉଛି। ଅର୍ଥାତ୍ ଛତିଶା ନିଯୋଗ ବୈଠକରେ ଫାଟିଥିବା ବିମ୍‌ରେ ଷ୍ଟେନଲେସ୍ ଷ୍ଟିଲ୍ ବିମ୍ ସପୋର୍ଟ କାମ ୨୫ଦିନରେ ସାରିବାକୁ ଏଏସ୍‌ଆଇକୁ କୁହାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ, ୪ଟି ଯାକ ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯାଇଥିବା ବେଳେ କାମ ପ୍ରାୟ ସରିଯାଇଛି। ଅଳ୍ପ କିଛି

**୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ସପୋର୍ଟ ଦିଆଗଲା**

ଫିନିସିଂ କାମ ଦୁଇ ତିନିଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି ଏଏସ୍‌ଆଇର ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ।

ଗରୁଡ଼ସ୍ତମ୍ଭ ସମ୍ମୁଖ ଭାଗରେ ଥିବା ମୁଖ୍ୟ ବିମ୍‌ରେ ଫାଟ ଯୋଗୁ ଏହାର ସ୍ଥିତି ଦୁର୍ବଳ ଥିଲା। ମାତ୍ର ମରାମତିରେ ବିଳମ୍ବ ହେବାରୁ ଏହାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି ହାଇକୋର୍ଟ ଏପ୍ରିଲ ସୁଦ୍ଧା କାମ ସାରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, ଏଏସ୍‌ଆଇ ପକ୍ଷରୁ ଗତ ନଭେମ୍ବର ୧୬ରୁ ନାଟମଣ୍ଡପ ସଂରକ୍ଷଣ ଓ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରୁ ନାଟମଣ୍ଡପର ଉପରିଭାଗର ପଥର ଯୋଡ଼େଇ ଓ ସଫା କାର୍ଯ୍ୟ କରାଯାଇଥିଲା। କିନ୍ତୁ ଫାଟ ମରାମତି ହୋଇ ନଥିଲା। ପୁନର୍ବାର ସମସ୍ତଙ୍କ ସହଯୋଗରେ ଷ୍ଟେନଲେସ୍ ଷ୍ଟିଲ ବିମ୍ ବସିବା କାର୍ଯ୍ୟ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରତିଦିନ ଅପରାହ୍ଣ ଗୋଟାଏରୁ ସନ୍ଧ୍ୟା ୭ଟା ଯାଏଁ କାମ ହୋଇ ମଙ୍ଗଳବାର ପ୍ରାୟତଃ ଶେଷ ହୋଇଛି। ମୁଖ୍ୟ ବିମ୍ ଫାଟ ମରାମତି ପାଇଁ ଭାରା ବନ୍ଧାଯାଇ ୪ଟି ଷ୍ଟେନ୍‌ଲେସ ଷ୍ଟିଲ ବିମ୍ ଲଗାଯାଇଛି। ଏହାଦ୍ୱାରା ନାଟମଣ୍ଡପ ସୁରକ୍ଷିତ ସହ ଭକ୍ତଙ୍କ ଦର୍ଶନରେ ଆଉ କୌଣସି ସମସ୍ୟା ହେବ ନାହିଁ ବୋଲି କହିଛନ୍ତି ଏଏସ୍‌ଆଇ ଅଧିକାରୀ ଶ୍ରୀ ଗଡ଼ନାୟକ।

# ତୃତୀୟଥର ଇଡିରେ ହାଜର ହେଲେ ଦୀପକ ଗୁପ୍ତା

**ଭୁବନେଶ୍ୱର, ୧୯ ।୩(ସମିସ):** ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ଆଜି ତୃତୀୟଥର ପାଇଁ ଦୀପକ ଗୁପ୍ତା ଇଡିରେ ହାଜର ହୋଇଛନ୍ତି। ମଧ୍ୟାହ୍ନ ୧୨ଟାରେ ସେ ଇଡି ଅଫିସ୍‌ରେ ହାଜର ହୋଇଥିଲେ। ସାଥିରେ କିଛି ଦସ୍ତାବିଜ୍ ଧରି ପଶିଥିବା ଜଣାପଡ଼ିଛି। ଗତକାଲି ଇଡି ଦୁଇ ଭାଇ ଦୀପକ ଏବଂ ଚମ୍ପକ ଗୁପ୍ତାଙ୍କୁ ପଚରାଉଚରା କରିଥିଲା। କିନ୍ତୁ ଦୀପକଙ୍କ ଉତ୍ତରରେ ଇଡି ଅଧିକାରୀ ସନ୍ତୁଷ୍ଟ ନଥିଲେ। ତେଣୁ ଆଜି ତାଙ୍କୁ ପୁଣି ହାଜର ହେବାକୁ କୁହାଯାଇଥିଲା। ଆଜି ତାଙ୍କୁ ୩ଘଣ୍ଟା ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୧୮ଶହ କୋଟିର ଉଲିବୁରୁ ଖଣି ଦୁର୍ନୀତି ମାମଲା ଖୋଳତାଡ଼ କରୁଛି ଇଡିର ସ୍ୱତନ୍ତ୍ର ଟିମ୍। ଦୁଇ ସପ୍ତାହ ତଳେ କୋଲକାତା ଓ ଓଡ଼ିଶାର ମୋଟ ୧୨ଟି ସ୍ଥାନରେ ଏନେଇ ଇଡି ଚଢ଼ଉ କରିଥିଲା। ଏଥିରେ ଭଲଭୋ କାର୍, ୧କୋଟି ୨୪ ଲକ୍ଷ ଟଙ୍କାର ସୁନାଗହଣା, ୩୦ ଲକ୍ଷ ଟଙ୍କା ଓ ୧କୋଟି ୨୩ ଲକ୍ଷ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଥିଲା ଇଡି। ଏହି ମାମଲାରେ ୩୭.୯ କୋଟି ଟଙ୍କାର ସମ୍ପତି ସଂଲଗ୍ନ କରିବା ପାଇଁ ଇଡି ପିଏମଏଲଏ କୋର୍ଟରେ ଆବେଦନ କରିଥିବାବେଳେ କୋର୍ଟ ତାକୁ ଗ୍ରହଣ କରିଥିଲା।



ଅସ୍ତରଙ୍ଗ ଅଞ୍ଚଳରେ ମାଳମାଳ ଇଟାଭାଟି

# ବଢୁଛି ତାପମାତ୍ରା, ବାୟୁ ପ୍ରଦୂଷଣ; ନିରବ ପ୍ରଶାସନ

**ଅସ୍ତରଙ୍ଗ, ୧୯ ।୩(ସମିସ):** ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମାଳମାଳ ଇଟାଭାଟି ବାହାରୁ ଥିବା ଧୂଆଁ ଏବଂ ଉତ୍ତାପକାରଣରୁ ସାରା ଅଞ୍ଚଳ ପ୍ରଭାବିତ ହେଉଛି। ସ୍କୁଲ, କଲେଜ ନିକଟରେ ଇଟା ପୋଡା ହେବା ଧୂଆଁ ଏବଂ ଉତ୍ତାପ କାରଣରୁ ଛାତ୍ରଛାତ୍ରୀ କଲ ବଲ ହେଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ଠାରୁ ୩୦ ଫୁଟ ଦୂରରେ ଇଟା ଭାଟି ଚାଲିଛି। ଏହି ଇଟା ଭାଟି ବ୍ୟକ୍ତିଗତ ଜମି ଓ ସରକାରୀ ଜମିରେ ହୋଇଛି। ଭାଟିରେ ବାହାର ଶ୍ରମିକମାନେ ନିୟୋଜିତ ହୋଇ କାମ କରୁଥିବା ବେଳେ ତାଙ୍କୁ ଉଟା



ଭାଟିର ମାଲିକଙ୍କ ପରିଚୟ ଜଣାନାହିଁ ବୋଲି ସେମାନେ କୁହନ୍ତି। ସେମାନଙ୍କ କହିବା ଅନୁସାରେ ଆମେ ବାହାର ଜିଲ୍ଲାର ଗୋଟେ ବାବୁଙ୍କ ଡାକରାରେ ଆସିଛୁ, ଆମେ କାମ କରୁଛୁ ଆଉ ସେ କେବଳ ପଇସା ଦେବାକୁ ଆସନ୍ତି। ସବୁଠୁ ଦୁଃଖର କଥା ଗ୍ରୀଷ୍ମଋତୁ ଯୋଗୁଁ ରାଜ୍ୟରେ ପାରଦ ବୃଦ୍ଧି ପାଉଛି। ପ୍ରାଥମିକ ବିଦ୍ୟାଳୟରେ ଛୋଟଛୋଟ ପିଲାମାନେ ପାଠ ପଢ଼ିବାକୁ ଆସୁଥିବା ବେଳେ ସେମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏବାବଦରେ ପଚାରିବାରୁ ସେମାନେ କିଛି ନକହି ନିରବ ରହୁଛନ୍ତି। ସୁସ୍ଥ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ବିଶେଷ ଭୂମିକା ରହିଥିବା ବେଳେ ଇଟାଭାଟିର ଉତ୍ତପ୍ତ ବାୟୁପ୍ରଦୂଷଣରେ ଛାତ୍ରଛାତ୍ରୀ କେତେ ସୁରକ୍ଷିତ ଅଛନ୍ତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନୀକ ଅଧିକାରୀ ଏଥିପ୍ରତି କାହିଁକି ରୋକ ଲଗାଇ ପାରୁନାହାନ୍ତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ସ୍ଥାନୀୟ ପ୍ରଶାସନ ତଦନ୍ତ କରି ବିଦ୍ୟାଳୟ ନିକଟରେ ବାୟୁପ୍ରଦୂଷଣ କରୁଥିବା ଇଟାଭାଟି ବନ୍ଦ କରନ୍ତୁ ବୋଲି ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଭିଯୋଗ ଆଣିଛନ୍ତି।

## ନିର୍ବାଚନ ଆଚରଣବିଧି ଉଲ୍ଲଘଂନ, ହଟୁନି ପୋଷ୍ଟର

**ଗମ୍ଭାରୀପଦା/କାକଟପୁର, ୧୯ ।୩(ସମିସ):** ନିର୍ବାଚନ ଆୟୋଗ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣାର ୭୨ଘଣ୍ଟା ବିତିଯାଇଥିଲେ ମଧ କାକଟପୁର ଓ ଅସ୍ତରଙ୍ଗ ତହସିଲ ଅଧିନରେ ଥିବା ପ୍ରାୟ ଗ୍ରାମାଞ୍ଚଳ ଓ ଛକମାନଙ୍କରେ ବିଭିନ୍ନ ଦଳର ସଙ୍କେତ ଥାଇ ୱାଲପେଣ୍ଟିଂ, ପୋଷ୍ଟର ବ୍ୟାନର ରହିଥିବା ଦେଖିବାକୁ ମିଳୁଛି। ସର୍ବସାଧାରଣ ସ୍ଥାନ, ବିଦ୍ୟୁତ୍ ଖୁଣ୍ଟ, ଡାକ୍ତରଖାନାର ପ୍ରାଚୀର ଗୁଡିକରେ ରହିଥିବା ଦଳୀୟ ସଙ୍କେତ ଗୁଡିକ ସମ୍ପୂର୍ଣ୍ଣ ନହଟାଇବା ସ୍ଥାନୀୟ ପ୍ରଶାସନ କାର୍ଯ୍ୟକୁ ସାଧାରଣ ନାଗରିକମାନେ ନାପସନ୍ଦ କରିବା ସହିତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



୭୫ ଗୋରୁ ଉଦ୍ଧାର କଲା ପୁଲିସ

## ଖଣ୍ଡା- ଛୁରି ଜବତ; ୩ ଜଣଙ୍କ ନାମରେ ମାମଲା

**ଚାରିଛକ/ନୟାହାଟ, ୧୯।୩(ସମିସ):** ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗ ବସ୍ତିରେ ସୋମବାର ବିଳମ୍ବିତ ରାତିରେ ଚାରିଛକ ପୁଲିସ ଚଢ଼ଉ କରି ସେଠାରୁ ୭୨ଟି ବାଛୁରୀ ଓ ୩ଟି ଗାଇକୁ ଉଦ୍ଧାର କରି ଗୋ ଶାଳାରେ ଛାଡି ଦେଇଛି। ଖବରରୁ ଜଣାଯାଇଛି ଯେ ଚାରିଛକ ଥାନା ଅଞ୍ଚଳରୁ ବାହାରକୁ ଗୋ-ମାଂସ ଓ ଗୋ ଚାଲଣ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗକୁ ପୁଲିସ ଗୁରୁତର ସହ ନେଇ ସୋମବାର ରାତିରେ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ କୁସୁମା ଠେଙ୍ଗ ବସ୍ତିରେ ଚଢ଼ଉ କରି ବସ୍ତିର ଏକ ନିଛାଟିଆ ସ୍ଥାନରେ ବନ୍ଧା ହୋଇଥିବା ପ୍ରାୟ ୭୫ଟି ବାଛୁରୀ ଓ ଗାଇକୁ ସେଠାରୁ ଉଦ୍ଧାର କରି ପୁରୀ ନିକଟସ୍ଥ ଗୋଶାଳାକୁ ପଠାଇ ଦିଆଯାଇଛି। ଏଥି ସହିତ ମାଂସ କାଟିବା ପାଇଁ ରଖିଥିବା ଛୁରୀ, ଖଣ୍ଡା ଆଦି ଉପକରଣକୁ ପୁଲିସ ଜବତ କରିଛି। ପୁଲିସ ୩ଜଣଙ୍କ ନାମରେ ମାମଲା କରିଥିବା ଜଣାପଡ଼ିଛି। ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଓ ତାଙ୍କ ଟିମ୍ ଯାଇ ଗୋରୁକୁ ଜବତ କରିବା ସହ ଅଭିଯୁକ୍ତ ବିରୋଧରେ ୩୭/୨୦୨୪ରେ ମାମଲା ରୁଜୁ କରି ଉଦ୍ଧାର ହୋଇଥିବା ଗୋରୁ ଗୋଶାଳରେ ଛାଡିଥିଲେ।



## ଜିଲ୍ଲାସ୍ତରୀୟ କ୍ରିକେଟ୍: ଜନତା ଗ୍ୟାରେଜ ଚାମ୍ପିଅନ



**କୃଷ୍ଣପ୍ରସାଦ, ୧୯ ।୩(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ରାମଲେଙ୍କା ପଞ୍ଚାୟତ ଅଧିନସ୍ଥ ବରୁଣାଇଁ ଯୁବଛାତ୍ର ସଂଗଠନ ନନ୍ଦଳା ଆନୁକୂଲ୍ୟରେ ବୃନ୍ଦାବତୀ ଷ୍ଟାଡିୟମରେ ଚାଲିଥିବା ଜଗଦୀଶ ମେମୋରିଆଲ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜନତା ଗ୍ୟାରେଜ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ଖେଳ ଆୟୋଜକ ଦଳ ବନାମ ୪ଟି ଜିଲ୍ଲାର ବଛା ବଛା ଖେଳାଳିଙ୍କୁ ନେଇ ଗଠିତ ଜନତା ଗ୍ୟାରେଜ ମଧ୍ୟରେ ହୋଇଥିଲା। ଆୟୋଜକ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ଜନତା ଗ୍ୟାରେଜ ଦଳ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଶ୍ରୀକାନ୍ତ ବାରିକୀ, ତୁଷାରକାନ୍ତ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡ଼ରେ ରାଜ କିଶୋର ନାୟକ, ସୌମ୍ୟରଞ୍ଜନ ନାୟକ ସହଯୋଗ କରିଥିବା ବେଳେ ମିଳନ ଦଳେଇ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଯୁବନେତା ତଥା ଅବସର ସେନା ଦୀପକ କୁମାର ଜେନା, ପିପିଲି କଲେଜ ଅଧ୍ୟାପକ ଆଦିତ୍ୟ ପ୍ରସାଦ ରଥ, କନ୍ଦାଖାଇ ମହାବିଦ୍ୟାଳୟ ଅଧ୍ୟାପକ ମଧୁସୂଦନ ସାହୁ, ମ୍ୟାନେଜର ରଞ୍ଜନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଂଗଠନର ସଭାପତି ଯୁଧିଷ୍ଠିର ନାୟକ, ସମ୍ପାଦକ ଉଲ୍ଲାସ ନାୟକ, କ୍ରୀଡ଼ା ସମ୍ପାଦକ ସୁଶାନ୍ତ କୁମାର ନାୟକ, ସିଆରସିସି ପ୍ରଶାନ୍ତ କୁମାର ନାୟକଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରଙ୍କ ଧାରଣା

**ନିମାପଡ଼ା, ୧୯।୩(ସମିସ):** ନିମାପଡ଼ା ସ୍ୱୟଶାସିତ ମହାବିଦ୍ୟାଳୟରେ ହୋଇଥିବା କେତେକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଉଠାଇ ମଙ୍ଗଳବାର ମହାବିଦ୍ୟାଳୟର କେତେକ ଛାତ୍ର ମୁଖ୍ୟ ଫାଟକକୁ ତାଲା ପକାଇ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ କିଛି ସମୟ ପାଇଁ କଲେଜ ଭିତରକୁ କଲେଜର ଛାତ୍ରଛାତ୍ରୀ ଓ କର୍ମଚାରୀ ଯାତାୟତ କରି ପାରିନଥିଲେ। କଲେଜର କେତେକ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ସାଙ୍ଗକୁ କେଉଁ କାରଣ ପାଇଁ କଲେଜ ଅଧକ୍ଷାଙ୍କ ୨ଦିନର ଦରମା ବନ୍ଦ କରାଯାଇଛି ବୋଲି ଧାରଣା ରତ ଛାତ୍ରମାନେ ଜାଣିବାକୁ ଚାହିଁଛନ୍ତି। କଲେଜ ପରିଚାଳନା କମିଟୀର ସଭାପତି ଜଗତ ପ୍ରସାଦ ସାବୁତ ଧାରଣାରତ ଛାତ୍ରଙ୍କ ସହିତ ଆଲୋଚନା କରିଥିଲେ ମଧ ଛାତ୍ରମାନେ ତାଙ୍କ ଜିଦ୍‌ରେ ଅଟଳ ଅଛନ୍ତି। ଏସମ୍ପର୍କରେ କଲେଜ ଅଧକ୍ଷା ପ୍ରଫେସର ପୁଷ୍ପିତା ରାଜଗୁରୁଙ୍କୁ ପଚାରିବାରେ ଛାତ୍ରଛାତ୍ରୀମାନେ ଯେଉଁ ଅନିୟମିତତା ପ୍ରସଙ୍ଗ ଉଠାଇ ଧାରଣାରେ ବସିଛନ୍ତି ମୋ ସମୟରେ ସେଭଳି ମହାବିଦ୍ୟାଳୟରେ କିଛି ଅନିୟମିତତା ହୋଇନି ବୋଲି ପ୍ରକାଶ କରିବା ସହିତ ବର୍ତ୍ତମାନ ଅଡିଟ ଚାଲିଛି ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି କହିଛନ୍ତି।



## ଅଧପନ୍ତରିଆ ସୋରଭା ପଞ୍ଚାୟତ କଲ୍ୟାଣମଣ୍ଡପ

**ନୟାହାଟ, ୧୯ ।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ କରାଯାଇଥିବା ନୂତନ କଲ୍ୟାଣ ମଣ୍ଡପ ପ୍ରାୟ ୫ ବର୍ଷ ଧରି ହେଲା ଅଧାରୁ ବନ୍ଦ ହୋଇ ପଡ଼ିରହିଛି। ଫଳରେ ଅଧପନ୍ତରିଆ ଭଙ୍ଗା ଘରେ ଲୋକମାନେ ମଳତ୍ୟାଗ କରୁଥିବା ବେଳେ ବର୍ତ୍ତମାନ ଏବେ ଭୁତକୋଠିରେ ପରିଣତ ହୋଇଗଲାଣି। ସରକାର ପକ୍ଷରୁ ୩୫ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟ ଶେଷ ହୋଇଥିଲେ ଅଞ୍ଚଳର ଲୋକମାନେ କମ ମୂଲ୍ୟରେ ଭଡା ନେଇ ବିବାଦ, ବ୍ରତ, ଶୁଦ୍ଧିକ୍ରିୟା ଓ ସଭା ସମିତି କରି ପାରିଥାନ୍ତେ। ଉକ୍ତ ମଣ୍ଡପ ଗୋଚର ଜମିରେ ନିର୍ମିତ ହୋଇ ଥିବାରୁ କିଛି ରାଜନୈତିକ ଲୋକଙ୍କ ବିରୋଧ ଫଳରେ କାମ ଅଧାରୁ ବନ୍ଦ ହୋଇ ପଡ଼ି ରହିଛି। ଏସମ୍ପର୍କରେ ପଞ୍ଚାୟତ ବିଜେଡି ସଭାପତି ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରୁ ଏହି ବିଷୟରେ ବ୍ଲକ ପ୍ରଶାସନ ଜାଣିଥିବେ ମୁଁ ଜାଣିନାହିଁ। ପଞ୍ଚାୟତର ସରପଞ୍ଚଙ୍କୁ ପଚାରିବାରୁ ସେ କାମ ମୋ ସମୟର କାମ ନୁହଁ ମୁଁ ଜାଣିନାହିଁ ସେ ବିଷୟରେ କହିପାରିବି ନାହିଁ ବୋଲି କହିଛନ୍ତି।



## ସାପ କାମୁଡ଼ାରେ ନାବାଳିକା ମୃତ

**ଗୋପ, ୧୯ ।୩(ସମିସ):** ପୁରୀ ଜିଲ୍ଲା ଗୋପ ଥାନା ଅଧିନ ବିରତୁଙ୍ଗ ପଞ୍ଚାୟତ ଦଳିତ ସାହି ଗ୍ରାମରେ ଜଣେ ନାବାଳିକା ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚିକିତ୍ସା ଅବହେଳାରୁ ନାବାଳିକାର ମୃତ୍ୟୁବରଣ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ବିରତୁଙ୍ଗ ଦଳିତ ସାହି ଗ୍ରାମର କପିଳ କାଣ୍ଡିଙ୍କ ନାବାଳିକା ଝିଅ ମାମୁନି କାଣ୍ଡି (୧୫) ବାରିକୁ ଯାଇଥିବା ବେଳେ ନାଗସାପ କାମୁଡି ଦେଇଥିଲା ମାମୁନି ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ତୁରନ୍ତ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଦୀର୍ଘ ସମୟ ବିଳମ୍ବରେ ଡାକ୍ତର ମାମୁନିକୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିବା ବେଳେ ଅଧା ବାଟରେ ମୃତ୍ୟୁବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ପରିବାର ନିକଟରେ ସେବକ ସଙ୍ଗଠନର ସଭାପତି ଆଲୋକ ଜେନାଙ୍କ ସହ ସଭ୍ୟ ମାନେ ପହଁଞ୍ଚôଚ ସମବେଦନା ଜଣାଇଛନ୍ତି।

## ଗୁହାଳ ତାଲା ଭାଙ୍ଗି ଛେଳି ଚୋରି

**ଚାରିଛକ, ୧୯।୩(ସମିସ):** ଚାରିଛକ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମର ଜଣେ ଚାଷୀଙ୍କ ଗୁହାଳ ଭାଙ୍ଗି ୪୦ଟି ଛେଳିକୁ ଗତ ମଙ୍ଗଳବାର ବିଳମ୍ବିତ ରାତ୍ରରେ କେହି ଚୋରି କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଇଛି ଯେ ବସନ୍ତପୁର ଗ୍ରାମର ବିପିନ ବିହାରୀ ପ୍ରଧାନ ଛେଳି ପାଳନ କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ମଙ୍ଗଳବାର ରାତ୍ରରେ ଗୁହାଳର ତାଲାଭାଙ୍ଗି କେହି ଦୁର୍ବୃତ୍ତ ୩୫ଟି ବଡ ଏବଂ ୫ଟି ଛୋଟ ଛେଳି ଛୁଆକୁ ଚୋରି କରି ନେଇଯାଇଛି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଚାଲୁରଖିଛି।

## ନିମାପଡ଼ାରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ନିମାପଡ଼ା, ୧୯।୩( ସମିସ):** ସାଧାରଣ ନିର୍ବାଚନ ଲାଗି ନିମାପଡ଼ା ଥାନା ଅଞ୍ଚଳର ଏନ୍‌ଏସି ଓ ବିଭିନ୍ନ ପଞ୍ଚାୟତରେ କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବ ସେଥିପାଇଁ ମଙ୍ଗଳବାର ନିମାପଡ଼ା ଡିଏସପି ପ୍ରଭାତ କୁମାର ମଲ୍ଲିକ ନେତୃତ୍ୱରେ ନିମାପଡ଼ା ପୁଲିସ ଓ ଯବାନମାନେ ଫ୍ଲାଗ୍‌ମାର୍ଚ୍ଚ କରିବା ସହିତ ଜନ ସାଧାରଣଙ୍କୁ ସଚେତନତା କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ନିମାପଡ଼ା ବଜାର ପରିକ୍ରମା ସହିତ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷାକରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଇଛନ୍ତି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଗୋପ, ୧୯ ।୩(ସମିସ):** ଗୋପ ଥାନା ଅଧିନ ଏରବଙ୍ଗ ପଞ୍ଚାୟତ ତରଙ୍ଗିରା ଗ୍ରାମର ଜଣେ ଯୁବକ କୌଣସି କାରଣକୁ ନେଇ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏନେଇ ଗୋପ ପୁଲିସ ୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏରବଙ୍ଗ ପଞ୍ଚାୟତ ତରଙ୍ଗିରା ଗ୍ରାମର ବସନ୍ତ କୁମାର ସ୍ୱାଇଁଙ୍କ ପୁଅ ଶ୍ରୀମନ୍ତ ମାଝି (୪୧) କୌଣସି କାରଣକୁ ନେଇ ସୋମବାର ବିଳମ୍ବିତ ରାତିରେ ଗ୍ରାମ ନିକଟସ୍ଥ ଶ୍ମଶାନ ନିକଟରେ ଥିବା ଏକ ଓସ୍ତ ଗଛରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲା। ମଙ୍ଗଳବାର ସକାଳୁ କିଛି ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମାଲୁଦରେ ନାଟକ ମଞ୍ଚସ୍ଥ

**କୃଷ୍ଣପ୍ରସାଦ, ୧୯ ।୩(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚାୟତର ବାଲିସାହି ଜଗତିସାହି ଦୁଇ ଗ୍ରାମବାସୀଙ୍କ ସହଯୋଗରେ ବୁଢ଼ୀ ମା' ନାଟ୍ୟ ସଂସଦ ଆନୁକୂଲ୍ୟରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଯୁବନେତା ତଥା ଅବସରସେନା ଦୀପକ କୁମାର ଜେନା, ମାଲୁଦ ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ଜେନା, ଯୁବନେତା ସଦାନନ୍ଦ ପ୍ରଧାନ, ସେକନବି ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନାଟ୍ୟ ସଂସଦ ସଭାପତି ରମେଶ ଚନ୍ଦ୍ର ନାୟକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଦୁଇଟି ସାମାଜିକ ନାଟକ କିଏ ପୋଛିଦେବ ଆଖିର ଲୁହ, ଜନମ ନେଇଛି କାନ୍ଦିବା ପାଇଁ ଷ୍ଟାଇଲିସ ମାଷ୍ଟର ବିଜୟ କୁମାର ବିଶ୍ୱାଳଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ସଂସଦ ମ୍ୟାନେଜର କବିରାଜ ଦାସ, ଟୁନା ପାହାଣ ଉତ୍ସବ ପରିଚାଳନା କରିଥିବା ବେଳେ ଜଗତିସାହି ଏବଂ ବାଲିସାହି ଦୁଇ ଗ୍ରାମର କଳାକାରମାନେ ନିଖୁଣ ଅଭିନୟ କରି ଦର୍ଶକଙ୍କ ଠାରୁ ପ୍ରଶଂସା ସାଉଁଣ୍ଟିଥିଲେ।

# ୩୦ରୁ ହରିରାଜପୁର ପଞ୍ଚୁଦୋଳ ମେଳଣ

ସୁପରିଚାଳନା ନେଇ ସମନ୍ୱୟ ବୈଠକରେ ଆଲୋଚନା

**ଡେଲାଙ୍ଗ, ୧୯।୩ (ସମିସ)**

ଡେଲାଙ୍ଗ ବ୍ଲକସ୍ଥିତ ବିଜୁପଟ୍ଟନାୟକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓଡ଼ିଶା ପ୍ରଶିଦ୍ଧ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣର ସୁପରିଚାଳନା ନେଇ ଡେଲାଙ୍ଗ ତହସିଲଦାର ସନ୍ତୋଷିନି ଦାସଙ୍କ ଅଧକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିପିଲି ଏସଡିପିଓ ବିରଞ୍ଚି ନାରାୟଣ ପତି, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି, ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ, ଅଗ୍ନିଶମ ବିଭାଗ ଅଧିକାରୀ ଜୟାରାମ ସାହୁ, ଜଟଣୀ ବିଦ୍ୟୁତ୍ ବିଭାଗ ଏସଡିଓ ପ୍ରଦୀପ କୁମାର ଶାବତ, ଡେଲାଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ତ୍ରିପାଠୀ, ଗ୍ରାମ୍ୟପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ର, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଯୋଗଦେଇ ମେଳଣ ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ୧୯୩୭ ମସିହାରୁ ହୋଇ ଆସୁଥିବା ଏହି ମେଳଣ ଆସନ୍ତା ୩୦ ତାରିଖରୁ ୪ ଦିନ ଧରି ଅନୁଷ୍ଠିତ ହେବ। ଏହି ଓଡ଼ିଶା ପ୍ରଶିଦ୍ଧ ପଞ୍ଚୁ ଦୋଳ ମେଳଣ ୮୫ ଏକର ପରିମିତ ଜାଗାରେ ହୋଇଆସୁଛି। ମେଳଣ ପଡ଼ିଆକୁ ସଫେଇ କରିବା, ଜଟଣୀ -ପିପିଲି ରାସ୍ତାର ବୃଷଭ ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ଆର.ଡି ପକ୍ଷରୁ ରାସ୍ତାକୁ ପ୍ରସସ୍ତିକରଣ କରି ଯାତାୟତ ପାଇଁ ସୁବିଧା କରିବା, ଶ୍ରଦ୍ଧାଳୁଙ୍କ ପାଇଁ ୨୦ଟି ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳପାଇଁ ୧୫ଟି ଟ୍ୟାଙ୍କର ଯୋଗେ ଜଳ ଯୋଗଣ କରିବା, ଡିଜି ଯୋଗେ ବିଦ୍ୟୁତ୍ ଯୋଗାଣ କରିବା, ଜନଗହଳିକୁ ନିୟନ୍ତ୍ରଣ କରିବା ପାଇଁ ୭ ପ୍ଲାଟୁନ୍ ପୁଲିସ ଫୋର୍ସର ବ୍ୟବସ୍ଥା କରିବା, ପର୍ଯ୍ୟାପ୍ତ ପରିମାଣର ଔଷଧ ସହିତ ଡାକ୍ତରୀ ଦଳ ଓ ଆମ୍ବୁଲାନ୍ସ ମହଜୁଦ ରଖିବା, ୨ଟି ଦମକଳ ଗାଡି ନିୟୋଜିତ, ବିଦ୍ୟୁତ ବିଭାଗ ପକ୍ଷରୁ ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗଣ ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ସେବା ପ୍ରଦାନ କରିବା, କୃଷି, ଉଦ୍ୟାନକୃଷି, ମତ୍ସ୍ୟ, ପ୍ରାଣୀସମ୍ପଦ, ଓରେଡା, ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପଦର୍ଶନୀ ମଣ୍ଡପ ଖୋଲିବା ଆଦି ସମ୍ପର୍କରେ କମିଟି ସଦସ୍ୟମାନେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେହିପରି ଗତ ବର୍ଷଭଳି ଚଳିତ ବର୍ଷ ମଧ ହାଇଟେକ୍ ମେଡିକାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ମେଳଣ କମିଟି ସଦଶ୍ୟ ପ୍ରସନ୍ନ ମହାରଥି, ବିଷ୍ଣୁପ୍ରଶାଦ ଜେନା, ପ୍ରେମାନନ୍ଦ ମହାରଥି, ଅଭିମନ୍ୟୁ ବଳିୟାରସିଂହ, ବନ୍ଧୁଶ୍ୟାମ ଚମ୍ପତି, ନୃସିଂହ ଚମ୍ପତି, ବିକ୍ରମ କେଶରୀ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।



କାଳ ସାଜିଲା ଅଦିନିଆ ବର୍ଷା

# ବାଦାମ ଓ ରବି ଫସଲ ପ୍ରଭାବିତ

**ଡେଲାଙ୍ଗ, ୧୯।୩(ସମିସ)**

ରାଜ୍ୟରେ ପ୍ରବାହିତ କାଳ ବୈଶାଖୀ ଯୋଗୁ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ଦିନ ପ୍ରାୟ ୨ଟା ସମୟରୁ ହାଲୁକା ପବନ ସହିତ ବର୍ଷା ଓ ଘଡଘଡି ହୋଇଛି। ପବନ ଓ ଘଡଘଡି ଥମିଯାଇଥିଲେ ମଧ ଲଗାଣ ବର୍ଷା ପାଇଁ ରବି ଫସଲ ସହିତ ବ୍ଲକର ପ୍ରାୟ ୫ଶହ ହେକ୍ଟରରୁ ଉର୍ଦ୍ଧ୍ୱ ବାଦାମ ଚାଷ ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ବ୍ଲକର ନଈ କୂଳିଆ ଜମି ଗୁଡିକ ସମେତ ଅନ୍ୟାନ୍ୟ ଗ୍ରାମପୁଞ୍ଜି ଗୁଡିକରେ ଚାଷୀ ନିଜର ମୁଣ୍ଡଝାଳ ତୁଣ୍ଡରେ ମାରି ବାଦାମ ଚାଷ କରିଥିଲେ। ଚାଷୀମାନଙ୍କ କହିବା ମୁତାବକ ଚଳିତ ବର୍ଷ ବାଦାମ ଚାଷ ବହୁତ ଭଲ ଅମଳ ଦେଇଥାନ୍ତା। ଜେନାପୁର ପଞ୍ଚାୟତ ଅଧିନ ହାକପଡ଼ା, ସାଦପଡ଼ା, ଜେନାପୁର-୨ ସମେତ ବୁଦୁରପୁର, ଚିତଳପୁର ପ୍ରମୁଖ ଗ୍ରାମ ଗୁଡିକ ଗହୀରମାନଙ୍କରେ ବାଦାମ ଚାଷ କରାଯାଇଥିଲା। କାଳବୈଶାଖୀ ପ୍ରଭାବରୁ ହୋଇଥିବା ଅଦିନିଆ ବର୍ଷା ଯୋଗୁ ଏହି ଚାଷ ନିଶ୍ଚୟ ପ୍ରଭାବିତ ହେବ ବୋଲି ଚାଷି ନିତ୍ୟାନନ୍ଦ ପ୍ରଧାନ, ଦିବ୍ୟଜ୍ୟୋତି ରାଉତ, ରାଜକିଶୋର ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଦୀପ୍ତ ନାୟକ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ବାଦାମ ଅମଳ ହେବାକୁ ଆଉ ମାତ୍ର କିଛି ଦିନ ବାକି ଥିବା ବେଳେ ବର୍ଷା ଯୋଗୁ ଫଳିଥିବା ବାଦାମରେ ଟଙ୍କେଇ ପୋକ ଲାଗି ନଷ୍ଟ କରିଦେବେ। ଯାହା ଫଳରେ ବାଦାମ ଭିତରେ ଥିବା ମଞ୍ଜି ଗୁଡିକ ନଷ୍ଟ ହେବ ଓ ବଜାରରେ ଏହି ଟଙ୍କେଇ ମରା ବାଦାମ ଗୁଡିକର ଚାହିଦା କମିଯିବ ବୋଲି ଚାଷିମାନେ ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପଟେ ମୁଗ, ବିରି, କୋଳଥ ଓ ଚଣା ପ୍ରଭୃତି ଫସଲ କ୍ଷେତରେ ପାଚି ଅମଳ ହେବାକୁ ପ୍ରସ୍ତୁତ ଥିବା ବେଳେ ଅଦିନିଆ ବର୍ଷା ଯୋଗୁ ଛୁଇଁ ଗୁଡିକ ଫାଟି ମଞ୍ଜି ବିଲରେ ପଡ଼ିଥିବା ଚାଷୀମାନେ କହିଛନ୍ତି। ଚାଷୀମାନେ ଧାରକରଜ କରି ନିଜର ଆର୍ଥିକ ସମ୍ବଳକୁ କେତେକାଂଶରେ ସୁଦୃଢ କରିବା ସହିତ ନିଜ ପରିବାର ପ୍ରତିପୋଷଣ କରିବା ପାଇଁ ରବି ଫସଲ ଓ ବାଦାମ ଚାଷ କରିଥିଲେ। କିନ୍ତୁ ଏବେ ଚାଷ ପାଇଁ କାଳ ସାଜିଥିବା ଅଦିନିଆ ବର୍ଷା ଚାଷିର ସବୁ ସ୍ୱପ୍ନ ଉଜାଡି ଦେଇଛି। ବର୍ଷା ଛାଡିବା ପରେ ଚାଷ କ୍ଷେତରୁ ଫସଲ କ୍ଷୟକ୍ଷତିର ତଦନ୍ତ କରାଯାଇ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଚାଷୀମାନେ ନିବେଦନ କରିଛନ୍ତି।



### ଶୁଖିଲା ପଡ଼ିଛି ମହାନଦୀ

# ନୟାଗଡ଼ ଓ ଖଣ୍ଡପଡ଼ା ସହରକୁ ପାନୀୟ ଜଳଯୋଗାଣ ଚିନ୍ତା

ଖଣ୍ଡପଡ଼ା, ୧୯।୩(ସମିସ): ଚଳିତ ବର୍ଷ ଗ୍ରୀଷ୍ମରତୁ ପ୍ରାରମ୍ଭରୁ ନଈ, ନାଳ, ପୋଖରୀ ଶୁଖିଲା ପଡ଼ିଥିବା ବେଳେ ଗଭୀର କୂଅ ଓ ନଳକୂପର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିବାରୁ ଜଳ ସଙ୍କଟ ହେବା ନେଇ ଜନସାଧାରଣଙ୍କ ମଧ୍ୟରେ ଏବେଠାରୁ ଚିନ୍ତା ଦେଖିବାକୁ ମିଳିଛି। ସେହିଭଳି ଖଣ୍ଡପଡ଼ା ବ୍ଲକ ଅବବାହିକା ଦେଇ ବହି ଯାଇଥିବା ମହାନଦୀ ଅଧିକାଂଶ ସ୍ଥାନରେ ଶୁଖିଲା ପଡ଼ିଥିବା ମଧ୍ୟ ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ କିଛି ସ୍ଥାନରେ ନଦୀକୂଳ ଠାରୁ ଜଳଧାର ପ୍ରାୟ ଦୁଇଶହ ମିଟର ଦୂରରେ ବହୁଥିବା ଦେଖିବାକୁ ମିଳିଛି। ନୟାଗଡ଼ ସହରକୁ ଜଳଯୋଗାଣ ପାଇଁ ବ୍ଲକ ଅଧିନ ବଡବାଣପୁର ଠାରେ ମହାନଦୀ କୂଳରେ ଦୀର୍ଘବର୍ଷ ଧରି ଏକ ଇନ୍‌ଟେକ ୱେଲ କାର୍ଯ୍ୟକାରୀ କରୁଛି। ମାତ୍ର ଚଳିତ ବର୍ଷ ମହାନଦୀର ଜଳଧାର ସେହି ଅଞ୍ଚଳରେ ପ୍ରବାହିତ ନହେବା ଫଳରେ ଇନ୍‌ଟେକ ୱେଲରେ ଆବଶ୍ୟକ ଅନୁଯାୟୀ ପାନୀୟଜଳ ସଂରକ୍ଷଣ ହୋଇପାରୁନାହିଁ। ଯାହା ଫଳରେ ଖଣ୍ଡପଡ଼ା ଓ ନୟାଗଡ଼ ସହରକୁ ଜଳ ଯୋଗାଣ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ବିଭାଗୀୟ ଯନ୍ତ୍ରୀଙ୍କଠାରୁ ସୂଚନା ମିଳିଛି। ଏସମସ୍ୟାର ସମାଧାନ ଦିଗରେ ବିଭାଗ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି। ବଡବାଣପୁର



ପଞ୍ଚାୟତ କୁମୁଣ୍ଡି ଗ୍ରାମ ନିକଟରୁ ଇନ୍‌ଟେକ ୱେଲ ପର୍ଯ୍ୟନ୍ତ ମହାନଦୀର ମୁଖ୍ୟଧାରରୁ ଏକ ଅସ୍ଥାୟୀ ନାଳ ଖନନ କାର୍ଯ୍ୟ ଚାଲୁ ରହିଛି। ଗତବର୍ଷ ଏହାକୁ ଅସ୍ଥାୟୀ ଭାବେ ଖୋଲା ଯାଇଥିଲେ ମଧ୍ୟ ବର୍ଷା ଋତୁରେ ବନ୍ୟାଜଳ ପ୍ରବାହିତ ହୋଇ ନାଳଟି ପୋତି ହୋଇଯାଇଛି। ଫଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ପୁନର୍ବାର ଅସ୍ଥାୟୀ ନାଳ ଖୋଳା ଯାଉଛି। ଧୀରେ ଧୀରେ ମହାନଦୀର ଜଳସ୍ତର ବାଧକ ସାଜୁଥିବାରୁ ମହାନଦୀରୁ ଜଳଯୋଗାଣ ବ୍ୟବସ୍ଥା ଆଗକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ଉପରେ ସନ୍ଦେହ ସୃଷ୍ଟି କରୁଛି। ବର୍ତ୍ତମାନ ଖୋଳାଯାଉଥିବା ନାଳରେ ପ୍ରାୟ ସାଢ଼େ ତିନି ଫୁଟର ଜଳ ପ୍ରବାହିତ ହେବ। ଖୁବଶୀଘ୍ର ଇନ୍‌ଟେକ ୱେଲ ପର୍ଯ୍ୟନ୍ତ ନାଳକୁ ସଂଯୋଗୀକରଣ କରାଯାଇ ଦୁଇ ସହରବାସୀଙ୍କୁ ପାନୀୟ ଜଳଯୋଗାଣକୁ ସୃଦୃଢ଼ କରାଯିବ ବୋଲି ସୂଚନା ମିଳିଛି। ନାଳ ଖୋଳା ଯିବାରୁ ଚୈତନପୁର, ବଡବାଣପୁର, କୁମୁଣ୍ଡି ଆଦି ଗ୍ରାମର ଜନସାଧାରଣଙ୍କ ସମେତ କୃଷକମାନେ ଖୁସିବ୍ୟକ୍ତ

**■ ଇନ୍‌ଟେକ ୱେଲ ପର୍ଯ୍ୟନ୍ତ ଅସ୍ଥାୟୀ ନାଳ ନିର୍ମାଣ ଜାରୀ**

କରୁଥିବା ଦେଖିବାକୁ ମିଳିଛି। ନାଳ ହେବା ଦ୍ୱାରା ଖରାଦିନିଆ ସବୁଜ ପନିପରିବାକୁ ଜଳ ଯୋଗାଣ ହେବ। ଅସ୍ଥାୟୀ ନାଳକୁ ପର୍ଯ୍ୟାପ୍ତ ଭାବରେ ଯଦି ଖୋଳା ହୁଅନ୍ତା ବର୍ଷା ଋତୁରେ ମହାନଦୀରେ ଆସୁଥିବା ବନ୍ୟା ନାଳଦେଇ ଗତିପଥ ବଦଳିଲେ ଖରାଦିନେ ଜଳସଂକଟ ଦୂର ହୋଇ ପାରନ୍ତା ବୋଲି ମତପ୍ରକାଶ କରିଛନ୍ତି।

● ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ଦାବି

## ସାମ୍ବାଦିକ ଆର୍ତ୍ତତ୍ରାଣଙ୍କ ଆମରଣ ଅନଶନ

ନୟାଗଡ଼, ୧୯।୩(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ଦାବିରେ ଆମରଣ ଅନଶନ ଆରମ୍ଭ ହୋଇଛି। ସ୍ଥାନୀୟ ଯୁବ ସମାଜସେବୀ ତଥା ସାମ୍ବାଦିକ ଆର୍ତ୍ତତ୍ରାଣ ପ୍ରଧାନ ମଙ୍ଗଳବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସ୍ଥାନୀୟ ସିଟିସ୍କୁଲ ପଡ଼ିଆଠାରେ ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ଆମରଣ ଅନଶନ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ସାମ୍ବାଦିକ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସମର୍ଥନ ଜଣାଇଛନ୍ତି। ସମ୍ପ୍ରତି ନିର୍ବାଚନ ପାଇଁ ଆଚରଣବିଧି ଲାଗିଥିବା ବେଳେ ସରକାର ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାର ସମ୍ଭାବନା ନଥିବାରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପ୍ରଦାନ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସୂଚନା ଦେଇଛି ପରିଷଦ। ସରକାର



ରାଜ୍ୟର ଅନେକ ସ୍ଥାନକୁ ନିର୍ବାଚନ ପୂର୍ବରୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବା ବେଳେ ରାଜସୁନାଖଳା ସମ୍ପୂର୍ଣ୍ଣ ଯୋଗ୍ୟ ହୋଇ ମଧ୍ୟ ଏହି ମାନ୍ୟତରୁ ବଞ୍ଚିତ ରହିଛି। ସ୍ଥାନୀୟ ଜନସାଧାରଣ ଏନେଇ ଦାବି ଜୋର କରିଛନ୍ତି। ଅନଶନ ଭଙ୍ଗ କରିବାକୁ ପ୍ରଶାସନିକ ଚାପ ପଡ଼ିଲେ ସ୍ଥାନୀୟ ଜନସାଧାରଣଙ୍କ ସହ ପରିଷଦ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ମିଳିଛି। ପୂର୍ବରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ନଗର ଉନ୍ନୟନ ସଚିବଙ୍କୁ ଅନଶନ ପାଇଁ ସ୍ମାରକପତ୍ର ପଠାଇଥିଲେ। ଖୁବଶୀଘ୍ର ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ନିବେଦନ କରିଛନ୍ତି।

● ଗୋପାଳପୁର- ତାଳଚେର ରେଳପଥ ପ୍ରସଙ୍ଗ

## ନାଗରିକ ମଞ୍ଚ ପକ୍ଷରୁ ରେଳମନ୍ତ୍ରୀଙ୍କୁ କୃତଜ୍ଞତା

ନୟାଗଡ଼, ୧୯।୩(ସମିସ): ନିକଟରେ କେନ୍ଦ୍ର ସରକାର ତାଳଚେର-ଗୋପାଳପୁର ନୂତନ ରେଳ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାକୁ ନେଇ ନୟାଗଡ଼ ଜିଲ୍ଲାରେ ଖୁସିର ମାହୋଲ ସୃଷ୍ଟି ହୋଇଥିବା ବେଳେ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି। ୧୯୯୦ ମସିହାରୁ ସର୍ଭେ ଆରମ୍ଭ ହୋଇଥିବା ୨୯୩ କିମି ଦୈର୍ଘ୍ୟ ଏହି ରେଳପଥ ନିର୍ମାଣ ହେଲେ ୫ଟି ଜିଲ୍ଲାର ସାମାଜିକ, ଅର୍ଥନୈତିକ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ବିକାଶ ଘଟିବ। ବିଶେଷ କରି ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା, କଣ୍ଟିଲୋ, ଭାପୁର, ଶରଣକୁଳ, ଓଡଗାଁ ଆଦି କ୍ଷେତ୍ରର ପର୍ଯ୍ୟଟନର ବିକାଶ ଘଟିବ ବୋଲି ଆଶା କରାଯାଉଥିବା ବେଳେ ପର୍ଯ୍ୟଟନ କ୍ଷେତ୍ର ଅଞ୍ଚଳରେ ରେଳ ଷ୍ଟେସନ ନିର୍ମାଣ ହେବାର ପ୍ରସ୍ତାବ ରହିଛି।ଗତ ଜାନୁଆରୀ ୬ ତାରିଖରେ ରେଳମନ୍ତ୍ରୀ ଦଶପଲ୍ଲା ଷ୍ଟେସନ ଉଦ୍‌ଘାଟନ କରିବା ଅବସରରେ ନୟାଗଡ଼ ଷ୍ଟେସନଠାରେ ତାଳଚେର-ଗୋପାଳପୁର କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଉକ୍ତ ରେଳ ପ୍ରକଳ୍ପକୁ ତୁରନ୍ତ ଆରମ୍ଭ କରିବା ପାଇଁ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ରେଳମନ୍ତ୍ରୀ ନିକଟରେ କଣ୍ଟିଲୋ ନୀଳମାଧବ ମନ୍ଦିର ପରିଦର୍ଶନ ସମୟରେ କଣ୍ଟିଲୋ ଏବଂ ଖଣ୍ଡପଡ଼ାକୁ ଖୁବଶୀଘ୍ର ନୟାଗଡ଼ ଠାରୁ ରେଳ ସଂଯୋଗ କରାଯିବ ବୋଲି ଘୋଷଣା କରିଥିଲେ। ରେଳମନ୍ତ୍ରୀ କଥା ଦେଇ କଥା ରଖିଥିବାରୁ ଜିଲ୍ଲାରେ ଆନନ୍ଦର ଲହରୀ ଖେଳି ଯାଇଥିବା ବେଳେ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ନୟାଗଡ଼ ନାଗରିକ ମଞ୍ଚ ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକ ଏବଂ ନାଗରିକ ମଞ୍ଚ ସମ୍ପାଦକ ଲକ୍ଷ୍ମୀଧର ସାହୁ ରେଳମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଛନ୍ତି।

**ଦୁର୍ଗମ ଅଞ୍ଚଳରେ ମିଳିବ ୪-ଜି ମୋବାଇଲ ସେବା**

## ଉପକୃତ ହେବେ ୫ ଗୋଟି ଆଦିବାସୀ ଗାଁ

ଓଡ଼ଗାଁ, ୧୯।୩(ସମିସ): ଦୁର୍ଗମ ଅଞ୍ଚଳରେ ପହଞ୍ଚିବ ୪ଜି ସେବା। ଦୂରସଞ୍ଚାର ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକମାନେ ଉପକୃତ ହେବେ।ନୟାଗଡ଼ ଜିଲ୍ଲାରେ ଏଭଳି ୮୭ ଟି ଗାଁରେ ଏହି ସେବା ପହଞ୍ଚିବ ବୋଲି ଜଣାପଡ଼ିଛି। ଏହି କ୍ରମରେ ଓଡଗାଁ ବ୍ଲକର ୫ଟି ଗାଁ ତାଲିକାରେ ସ୍ଥାନ ପାଇଛି। ସେହି ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ମୋବାଇଲ୍ ସେବା ପହଞ୍ଚି ପାରିନଥିବାରୁ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ନାହିଁ ନଥିବା ଅସୁବିଧାର ଶିକାର ହେଉଥିଲେ। ସେହିପରି ଲୋକମାନେ ନିଜ ବନ୍ଧୁବାନ୍ଧବ କିମ୍ବା ଜରୁରୀକାଳୀନ ସେବା ପାଇବାରୁ



ବଞ୍ଚିତ ହେଉଥିଲେ। ଅଧିକାଂଶ ସମୟ ଜରୁରୀକାଳୀନ ସେବା ତଥା ଆମ୍ବୁଲାନ୍ସ, ଅଗ୍ନିଶମ କିମ୍ବା ପୁଲିସକୁ ଖବର ଦେବା ସମ୍ଭବ ହେଉ ନଥିଲା। ଏବେ ସେହି ସମସ୍ୟା ଦୂର ହେବାକୁ ଯାଉଛି। ଖୁବଶୀଘ୍ର ଓଡଗାଁର ୫ଟି ଆଦିବାସୀ ଗାଁରେ ବିଏସ୍‌ଏନ୍‌ଏଲ୍ (ଦୂର ସଞ୍ଚାର ବିଭାଗ) ପକ୍ଷରୁ ସେବା ଯୋଗାଇ ଦିଆଯିବ। ବ୍ଲକର ବାଣ୍ଡପୁର ପଞ୍ଚାୟତର ଓସ୍ତିଆ, ଭୋବସର, ନାଣ୍ଡିଗିରି ଓ ନେପାଳ ଏବଂ କଜଳାଇପଲ୍ଲୀ ପଞ୍ଚାୟତର ଗୋଛା ଗ୍ରାମରେ ବିଏସ୍‌ଏନ୍‌ଏଲ୍ ଟାୱାର ନିର୍ମାଣ ହେବ ଇତି ମଧ୍ୟରେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶ୍ରୀଘ୍ର ଲୋକମାନଙ୍କ ପାଖରେ ୪ଜି ମୋବାଇଲ୍ ସେବା ପହଞ୍ଚିବ ବୋଲି ଜଣାପଡ଼ିଛି।

## ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

ଖଣ୍ଡପଡ଼ା, ୧୯।୩(ସମିସ): ୨୦୨୪ ସାଧାରଣ ନିର୍ବାଚନର ସୁପରିଚାଳନା ଲାଗି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଣ୍ଡପଡ଼ା ଓ ଭାପୁର ବ୍ଲକର ୧୪୦୩ ଜଣ ପୋଲିଂ ଅଧିକାରୀଙ୍କୁ ନେଇ ତିନି ଦିନିଆ ନିର୍ବାଚନ ପ୍ରଶିକ୍ଷଣ ଶିବିର ଖଣ୍ଡପଡ଼ା ଏନ୍‌ଏସି ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ଧୋବେଇ ନାୟକ, ଭାପୁର ବିଡିଓ ରଣଜିତ ମଲ୍ଲିକ, ତହସିଲଦାର ଅର୍ଜୁନ ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ତିନିଦିନ ଯାକ ନିୟମିତ ପ୍ରଶିକ୍ଷଣ ଦେଇଥିଲେ। ପୋଲିଂ ଅଧିକାରୀମାନେ ବୁଥସ୍ତରରେ ନିର୍ବାଚନ ପରିଚାଳନା କରିବାର ସାଧାରଣ ନିୟମ, ଇଲକ୍ଟ୍ରୋନିକସ ଭୋଟିଂ ମେସିନ ଯଥା କଣ୍ଟ୍ରୋଲ ୟୁନିଟ, ବାଲାଟ ୟୁନିଟ, ଭିଭିପାଟ, ଆଦି ନିର୍ବାଚନ ସାମଗ୍ରୀର ସଠିକ ବ୍ୟବହାର, ସିଲିଂ, ମକ ପୋଲିଂର ସମସ୍ତ ଯାନ୍ତ୍ରିକ କୌଶଳ ବିଷୟରେ ଜାଣିବା ସହ ସମସ୍ତ ପୋଲିଂ ଟିମ୍ କିପରି ନିରପେକ୍ଷତାର ସହିତ ଲୋକସଭା ଓ ବିଧାନସଭା ନିର୍ବାଚନର ସୁପରିଚାଳନା କରିପାରିବେ ପ୍ରଶିକ୍ଷଣ ନେଇଥିଲେ। ୧୭ ତାରିଖରୁ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ଉଭୟ ବ୍ଲକର ବିଭିନ୍ନ ସ୍ତରର ପୋଲିଂ ଓ ପ୍ରିଜାଇଡିଂ ଅଫିସର ତାଲିମ ନେଇଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ସେକ୍ଟର ଅଫିସର ନିୟୋଜିତ ହୋଇ ମଙ୍ଗଳବାର ଶେଷ ଦିବସରେ ତାଲିମ ପ୍ରଦାନ କରିଥିଲେ।

## ପୋଷଣ ପକ୍ଷ ପାଳିତ

ଭାପୁର, ୧୯।୩(ସମିସ): ପ୍ରତିବର୍ଷ ମାର୍ଚ୍ଚ ୦୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣ ପକ୍ଷ ରୂପେ ପାଳନ କରାଯାଏ। ଭାପୁର ବ୍ଲକ ସିଡ଼ିପିଓ ତୃପ୍ତି ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହାକୁ ଏକ ଉତ୍ସବ ରୂପେ ପାଳନ କରାଯାଉଛି। ଉକ୍ତ ପରିପ୍ରେକ୍ଷୀରେ ଅଙ୍ଗନବାଡି କେନ୍ଦ୍ର ରାକମା -୧ ର କର୍ମୀ ନମିତା ପଟ୍ଟଯୋଶୀ ନିଜ କେନ୍ଦ୍ରରେ ଧୂମଧାମରେ ପୋଷଣ ପକ୍ଷ ପାଳନ କରିଛନ୍ତି। ଅଙ୍ଗନବାଡି କେନ୍ଦ୍ରର ଯାଞ୍ଚ କମିଟି, ମାତୃ କମିଟି, ଅବିଭାବକ, କିଶୋରୀ ବାଳିକାମାନେ ଓ ଜେଜେ ବାପା, ଜେଜେ ମାଆମାନେ ଉକ୍ତ ସଚେତନତା ଉତ୍ସବରେ ଉପସ୍ଥିତ ଥିଲେ। ପ୍ରଥମେ ହାତଧୁଆର ୬ ଟି ପ୍ରଣାଳୀ ସଂଲଗ୍ନ ଆଶାକର୍ମୀ ନିବାସୀ ବାରିକ ଶିଖାଇଥିଲେ। ତା ପରେ ଅଙ୍ଗନବାଡି କର୍ମୀ ପୋଷଣର ପାଞ୍ଚଟି ସୂତ୍ର ବିଷୟରେ ସଚେତନ କରିଥିଲେ। ଉପସ୍ଥିତ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ମଧ୍ୟରେ କୁଇଜି ପ୍ରତିଯୋଗିତା ହୋଇଥିଲା। ସବୁଜ ପରିବା, ପ୍ରଚୁର ପାଣି ପାଇବା, ବାଡି ମିଳୁଥିବା ଶାଗ ଓ ସର୍ବୋପରି ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ ସଚେତନତା କରା ଯାଇଥିଲା। ପୁଷ୍ଟି ଶସ୍ୟ ମାଣ୍ଡିଆ ତିଆରି ବିଭିନ୍ନ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥିଲା। ମାଣ୍ଡିଆ ତିଆରି ଖାଦ୍ୟ ରେ କଣ କଣ ଭିଟାମିନ ଅଛି ତାହା ଅଙ୍ଗନବାଡି ଦିଦି ବୁଝାଇଥିଲେ। କାର୍ଯ୍ୟକ୍ରମ ରେ ୫ ଜଣ ଗର୍ଭବତୀ, ୩ ଜଣ ପ୍ରସୂତି, ୧୬ ଜଣ କିଶୋରୀ ବାଳିକା ଓ ୨୨ ଜଣ କୁନି କୁନି ଅଙ୍ଗନବାଡି ଶିଶୁ ଯୋଗ ଦେଇଥିଲେ।

● ଅବକାରୀ ବିଭାଗ ନିରବ, ଗଞ୍ଜେଇ ମାଫିଆଙ୍କ ରାଜ

## ନାବାଳକ ସମେତ ଦୁଇ ଗିରଫ




ଗଣିଆ/ନୟାଗଡ଼, ୧୯।୩(ସମିସ): ଦିନକୁ ଦିନ ନୟାଗଡ଼ ଜିଲ୍ଲା ଗଞ୍ଜେଇ ମାଫିଆଙ୍କ ରାଜୁତି ଦେଖିବାକୁ ମିଳୁଛି। ନୟାଗଡ଼ ଦେଇ ବ୍ୟାପକ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ମହିଳା, ନାବାଳକ ଗିରଫ ହେବା ଘଟଣାର ସମ୍ବେଦନଶୀଳତାକୁ ସାମ୍ନାକୁ ଆଣୁଛି। ଗତକାଲି ବାଣିଗୋଚ୍ଛା ପୁଲିସ ମହିଳା ସାଇବାଣୀ କହଁରଙ୍କୁ ଗିରଫ କରିଥିବା ବେଳେ ଗଣିଆ ପୁଲିସ ମଙ୍ଗଳବାର ଜଣେ ନାବାଳକ ସମେତ ୨ ଜଣଙ୍କୁ ଗିରଫ କରିଛି। ପୁଲିସ ଗଞ୍ଜେଇ ଚାଲାଣ ଉପରେ କିଛି କିଛି କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଅବକାରୀ ବିଭାଗ ପୂରା ନିରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହେଉଛି। ଦଶପଲ୍ଲା ଓ ଗଣିଆ ଦେଇ ବାହାର ଜିଲ୍ଲାକୁ ବ୍ୟାପକ ଗଞ୍ଜେଇ ଚାଲାଣ ହେଉଛି। କନ୍ଧମାଳ ଜିଲ୍ଲାରୁ କଟକ ଜିଲ୍ଲାକୁ ସୋମବାର ଅପରାହ୍ନରେ ଗଞ୍ଜେଇ ଚାଲାଣ ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଗଣିଆ ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଏସଆଇ ବୀରେନ୍ଦ୍ର କୁମାର ଦେହୁରୀଙ୍କ ସମେତ ଏକ ଟିମ୍ କରଡ଼ାପଡ଼ା ନିକଟ ଘାଗରାନାଳ ନିକଟରେ ବୋଲେରୋ ଗାଡିଟିକୁ ଅଟକାଇଥିଲେ। ତଦନ୍ତ ବେଳେ ଗାଡ଼ିରେ ୨୧ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖିଥିଲେ। ଗଣିଆ ପୁଲିସ ମଙ୍ଗଳବାର ସକାଳେ ସାମ୍ବାଦିକ ସମିଳନୀ କରି ୨ ଅଭିଯୁକ୍ତଙ୍କୁ ଗିରଫ ଏବଂ ଗଞ୍ଜେଇ ସମେତ ଗାଡ଼ି ଜବତ ନେଇ ସୂଚନା ଦେଇଛି। ଅଭିଯୁକ୍ତଙ୍କ ମଧ୍ୟରୁ କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ନିମନ୍ତ ମଲ୍ଲିକ(୧୯)ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟଜଣେ ନାବାଳକଙ୍କୁ ବାଲସୁଧାର ଗୃହକୁ ପଠା ଯାଇଥିବା ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ ସୂଚନା ଦେଇଛନ୍ତି। ମାଫିଆମାନେ ବିଭିନ୍ନ କୌଶଳକ୍ରମେ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଞ୍ଜେଇ ମାଫିଆମାନେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରୁ କଟକ, ନୟାଗଡ଼, ପୁରୀ ଜିଲ୍ଲା ଦେଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଚୋରାଚାଲାଣ କରୁଥିବା ଜଣାପଡ଼ିଛି।

## ବକେୟା ଦରମା ପାଇଁ ଧାରଣା ଦେଲେ ଆଶାକର୍ମୀ

ଖଣ୍ଡପଡ଼ା, ୧୯।୩(ସମିସ): ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀ ସଂଘ ପକ୍ଷରୁ



ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁଙ୍କ ନେତୃତ୍ୱରେ ବକେୟା ଦରମା ପ୍ରଦାନ ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ଆଶାକର୍ମୀ ସଂଘ ତଥା ସିଟୁ ଖଣ୍ଡପଡ଼ା ବ୍ଲକର ସଦସ୍ୟାମାନେ କରିଥିବା ଅଭିଯୋଗ ଅନୁଯାୟୀ ଗତ ଜାନୁଆରୀ ଓ ଫେବୃଆରୀ ମାସର ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ମାସିକ ପ୍ରୋତ୍ସାହନ ବାବଦ ରାଶି ବକେୟା ଅର୍ଥରାଶି ପ୍ରଦାନ କରିନଥିବା ନେଇ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅଭିସାର ପଣ୍ଡା ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଆଶାକର୍ମୀ ଜିଦରେ ଅଟଳ ଥିଲେ। ସିଟୁ ପକ୍ଷରୁ ଆଶା ସଂଘର ଜିଲ୍ଲା ସଭାପତି ଚକ୍ରଧାରୀ ରାଉତ, ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ସେଠୀ, ସଭାନେତ୍ରୀ ରୂପମଞ୍ଜରୀ ସାହୁ, ସମ୍ପାଦିକା ବାସନ୍ତୀ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ବହୁ ଶତାଧିକ ଆଶାକର୍ମୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧାରଣା ଦେଇଥିଲେ। ସନ୍ଧ୍ୟାରେ ଆଶାକର୍ମୀଙ୍କ ଦାବି ବାବଦରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ପଣ୍ଡା ଖୁବଶୀଘ୍ର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା। ଅଭିଯୋଗ ଅନୁଯାଇ ପୂର୍ବରୁ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିବା କର୍ମଚାରୀଙ୍କ ଅପାରଗତା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଦରମା ଦେବାରେ ଅବହେଳା କରିଥିବା ଜଣାପଡ଼ିଛି। ଫଳ ସ୍ୱରୂପ ଆଶାକର୍ମୀମାନେ ଦୁଃଖ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଅନ୍ୟପକ୍ଷରେ ଅଭିଯୋଗ ବାବଦରେ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ପ୍ରତି ମାସର ଦରମା ଠିକ ସମୟରେ ଦିଆଯାଉଥିବା ବେଳେ କର୍ମଚାରୀ ଅଭାବରୁ କିଛି ବକେୟା ରହିଯାଇଥିବା ଏବଂ ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି।

**ଜଗନ୍ନାଥ ମନ୍ଦିର ତାଲା ପଡ଼ିବା ଘଟଣା**

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୟାଗଡ଼, ୧୯।୩(ସମିସ): ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ବ୍ୟାପକ ଅବ୍ୟବସ୍ଥା। ଅବଢ଼ାକୁ ନେଇ ରହିଥିବା ବିବାଦ ଏବଂ ଦେବୋତ୍ତର କର୍ମଚାରୀଙ୍କ ବିଶୃଙ୍ଖଳାକୁ ନେଇ ସୋମବାର ସନ୍ଧ୍ୟାରେ ସେବାସୀ ଏବଂ ଭକ୍ତ ମହଲରେ ଅସନ୍ତୋଷ ଚରମ ସ୍ଥିତିରେ ପହଞ୍ଚିଥିଲା। ୫୦ରୁ ଉର୍ଦ୍ଧ୍ୱ ଭକ୍ତ ଏବଂ ସେବାସୀ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ତାଲା ପକାଇ ଧାରଣା ଦେଇଥିଲେ। ନୟାଗଡ଼ ଜଗନ୍ନାଥ ମନ୍ଦିରରେ ଦୀର୍ଘଦିନ ଧରି ଅବ୍ୟବସ୍ଥା ଲାଗି ରହିଛି। ଅବଢ଼ା ନିଲାମ ଅନିୟମିତତା ଏବଂ ନିଲାମଧାରୀଙ୍କୁ ଅହେତୁକ ଅନୁକମ୍ପାକୁ ନେଇ ଲୋକମାନେ ଉତ୍ୟକ୍ତ ହୋଇଥିଲେ। ଉକ୍ତ ବ୍ୟକ୍ତି ଅବଢ଼ା ପାଇଁ ବିମଳା ମନ୍ଦିରକୁ ଦଖଲ କରି ରଖିଥିବା ଅଭିଯୋଗ ହୋଇଥିଲା। ଏହା ସହିତ ଜଗନ୍ନାଥ ମନ୍ଦିରର ନୂଆ ନିଯୁକ୍ତି ପାଇଥିବା ବଡପଣ୍ଡାଙ୍କୁ ବେଶ ଏବଂ ପୂଜା ଆସୁନଥିବା ବେଳେ କିଭଳି ନିଯୁକ୍ତି ଦିଆଯାଇଛି ବୋଲି ଭକ୍ତମାନେ ପ୍ରଶ୍ନ ଉଠାଇଛନ୍ତି। ମନ୍ଦିରରେ ପତାକା ଝୁଲିବାରେ ଭୁଲ କରାଯାଇଥିବା ବେଳେ ନୀତିକାନ୍ତିରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଉଛି। ଏହା ସହିତ ଗତବର୍ଷରୁ ଗଚ୍ଛିତ ଥିବା ରଥ କାଠକୁ କିଛି କର୍ମଚାରୀଙ୍କ ସହଯୋଗରେ ଚୋରି କରାଯାଇଥିବା ବେଳେ ଦେବୋତ୍ତର ବିଭାଗ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଥିଲା। ସନ୍ଧ୍ୟାରୁ ମନ୍ଦିର ମୁଖ୍ୟ ଫାଟକରେ ତାଲା ପକାଇ ସେବାସୀ ଓ ଭକ୍ତମାନେ ଧାରଣା ଦେଇଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ ତରବରିଆ ଭାବେ ଶରଣକୁଳ ଲଡୁବାବା ମନ୍ଦିର ସୁପରଭାଇଜର ସୁବାଷ ଚନ୍ଦ୍ର ବରାଡଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇ ଧାରଣାସ୍ଥଳକୁ ପଠା ଯାଇଥିବା ବେଳେ ଭକ୍ତମାନେ ଜିଦରେ ଅଟଳ ରହିଥିଲେ। ବିଳମ୍ବିତ ରାତିରେ ସୁପରଭାଇଜର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉପଜିଲ୍ଲାପାଳଙ୍କଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ଅବଢ଼ା ପ୍ରସ୍ତୁତ ବନ୍ଦ ରହିବ ଏବଂ ବିମଳା ମନ୍ଦିର ଖାଲି କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ସହିତ ଦୋଳପର୍ବକୁ ସମସ୍ତଙ୍କ ସହଯୋଗରେ ପରିଚାଳନା କରାଯିବା ସହ ନୂତନ ପରିଚାଳନା କମିଟି ଗଠନ ପାଇଁ କୁହାଯାଇଥିଲା। ବିଳମ୍ବିତ ରାତିରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି।

**■ ଗଠନ ହେବ ନୂତନ ପରିଚାଳନା କମିଟି**



## ଚାଷୀ ପାଇଁ ସବୁଦିନ ପଖାଳ ଦିବସ

ନୟାଗଡ଼, ୧୯।୩(ସମିସ): ଭୋକିଲା ପେଟରେ ତୃପ୍ତି ଆଣିଦିଏ ପଖାଳ। ଏହି ପଖାଳ କେବେ ଗରୀବ ପେଟର ଜ୍ୱାଳା ଲିଭାଏ ତ ପୁଣି କେବେ ଧନୀ ପାଇଁ ଖୁସି ଦିଏ। ମାର୍ଚ୍ଚ ୨୦ ତାରିଖ ପଖାଳ ଦିବସକୁ ନେଇ ସୋସିଆଲ ମିଡିଆ ଉତ୍ସବ ମୁଖର ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପଖାଳ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଉଛି। ଘରେ ଘରେ ପଖାଳ କଂସା ସାଙ୍ଗକୁ ବଡିଚୂରା, ଶାଗଭଜା ଏବଂ ଅନ୍ୟାନ ରୁଚିକର ଖାଇବା ଫଟୋ ପଖାଳ ଦିବସ ପାଳନ ପୂର୍ବରୁ ସୋସିଆଲ ମିଡିଆରେ ଭୂରି ବୁଲିଛି। ପ୍ରଚାର ଓ ପ୍ରସାର ପାଇଁ ଅଣଆନୁଷ୍ଠାନିକ ଭାବେ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଏ। ଭାତରେ ପାଣି ପୂରାଇ ପଖାଳର ପ୍ରସ୍ତୁତି କରାଯାଉଥିଲେ ମଧ୍ୟ ଏହାକୁ ଭିନ୍ନ ଭିନ୍ନ ପ୍ରଣାଳୀରେ ମଧ୍ୟ ପ୍ରସ୍ତୁତ କରାଯାଏ। ଦହିପଖାଳ, ଫୁଟଣ ପଖାଳ ଆଦି ଅନେକ ରପେ ପରାସା ଯାଇପାରୁଥିବା ଏହି ଖାଦ୍ୟକୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଏବଂ ପଡୋଶୀ ଦେଶ ବଙ୍ଗଳା ଦେଶରେ ମଧ୍ୟ ଏହାର ଚାହିଦା ରହିଛି। ଅଧୁନା ଅନେକ ଭୋଜନାଳୟରେ ମଧ୍ୟ ପଖାଳକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପଖାଳ ଖାଇବା ଲୋକଙ୍କର ସଉକରେ ପରିଣତ ହୋଇଛି। ପୂର୍ବେ ଗାଁ ଗହଳି ଲୋକେ ଚାଷବାଷ ପାଇଁ ଅଧିକ ପରିଶ୍ରମ କରିଥିବାରୁ ଦେହର ଜଳିୟ ଅଂଶ ଅଧିକ କରିବା ପାଇଁ ପଖାଳ ଖାଉଥିଲେ। ଚାଷୀ ବିଲରେ ବସି ପଖାଳ ଖାଇବାର ମଜା ମଧ୍ୟ ସମ୍ପୂର୍ଣ୍ଣ ଅଲଗା ଥିଲା। ଖରାଦିନେ ଶରୀରର ଜଳିୟ ଅଂଶ ହ୍ରାସ ପାଉଥିବାରୁ ପଖାଳ ଖାଇବା ଏବଂ ପଖାଳ ତୋରାଣୀ ସ୍ୱାସ୍ଥ୍ୟପାଇଁ ବହୁ ଆବଶ୍ୟକ ବୋଲି ଜଣାପଡ଼ିଛି। ପଖାଳକୁ ନେଇ ବିଭିନ୍ନ ପ୍ରକାର ଲୋକଗୀତ ମଧ୍ୟ ରହିଛି। ତତ୍ସହିତ ଝିଅ ବାହାଘର ସମୟରେ ପଖାଳ ଖିଆକୁ ନେଇ ଏକ ପରମ୍ପରା ରହିଛି। ଯାହା 'ତୋରାଣୀ ପିଆ' ନାମରେ ପରିଚିତ।

### ସେମାନେ କୁହନ୍ତି...



ପଖାଳ ଓଡିଆର ଗର୍ବ। ପଖାଳ ଖାଇବାର ଶାନ୍ତି ନିଆରା। ପଖାଳ ଦିବସ ପାଳନ ଦ୍ୱାରା ଆମ ଅସ୍ମିତା ଓ ଗୌରବକୁ ଉଜ୍ଜିବତ କରାଯାଉଛି। ବିଶ୍ୱରେ ପଖାଳର ଚାହିଦା ବୃଦ୍ଧି କରିବା ପାଇଁ ଉଦ୍ୟମ ହେବା ଆବଶ୍ୟକ। ଓଡିଆଙ୍କ ପାଇଁ ଏହା ଦିବସରେ ସିମୀତ ନୁହେଁ। ପ୍ରତିଟି ଚାଷୀ ସବୁଦିନ ପଖାଳ ଦିବସ ପାଳିଥାଏ।

-ନିରୂପମା ପଟ୍ଟନାୟକ, ସିନ୍ଧୁରିଆ



ଓଡିଆଙ୍କ ପ୍ରିୟ ଖାଦ୍ୟ ପଖାଳ। ଗରୀବର ସାଥି ପଖାଳ। ପଖାଳ କଂସାରେ ଚାଷୀର ଜୀବନ ଲୁଚି ରହିଥାଏ। ସକାଳର ଆରମ୍ଭ ହୋଇଥାଏ ପଖାଳରେ, ଦିନ ଶେଷ ହୋଇଥାଏ ପଖାଳରେ। ଏହାର ବିକଳ୍ପ ଖୋଜିବା ପାଇଁ ଚାଷୀ ପାଖରେ ସମୟ, ଧୈର୍ଯ୍ୟ ଏବଂ ସାହାସ ନଥାଏ। ପଖାଳ ପାଇଁ ଦରକାର ହୁଏନି ବିଭିନ୍ନ ବ୍ୟଞ୍ଜନ। ପିଆଜ, ଲୁଣ, ଲଙ୍କାରେ ପଖାଳ କଂସା ଶେଷ। ଗହୀର ମଝିରେ ପଖାଳ ଖାଇବାର ତୃପ୍ତି କେବଳ ଚାଷୀକୁ ହିଁ ମିଳିଥାଏ।

- ବୈଦ୍ୟଭୂଷଣ ମହାପାତ୍ର, ସାମ୍ବାଦିକ



ଆଜିକାର ଦିନରେ ପଖାଳ ଖାଇବା ସମୟରେ ମା କଥା ବହୁତ ମନେ ପଡେ ଆମ ଓଡିଆଙ୍କ ଜୀବନ ହେଉଛି ପଖାଳ। ଦିବସ ପାଳନ କରିବା ପାଇଁ ନୁହେଁ, ପୂର୍ବ ପୁରୁଷଙ୍କ ଏହି ପାରମ୍ପରିକ ଖାଦ୍ୟକୁ ଉଜ୍ଜିବୀତ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଭାବିବାକୁ ହେବ।

- ଧନେଶ୍ୱର ସାହୁ, ଝୁମ୍ପୁରୀ

## ବୀଣାପାଣି ତ୍ରିପାଠୀଙ୍କ ସ୍ମୃତିସଭା



ଖୋର୍ଦ୍ଧା, ୧୯।୩(ସମିସ): ସ୍ଥାନୀୟ ତଳସାହିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଖୋର୍ଦ୍ଧା କୃଷକ ଉତ୍ପାଦକ ସଂଗଠନର ପରିଚାଳିକା ସ୍ୱର୍ଗତା ବୀଣାପାଣି ତ୍ରିପାଠୀଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ବୈକୁଣ୍ଠ ନାଥ ମହାପାତ୍ରଙ୍କ ପୌରହିତ୍ୱରେ ଖୋର୍ଦ୍ଧା ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଆଇନଜୀବୀ ବସନ୍ତ କୁମାର ଦାସ ଓ ବିଭୁନ୍ଦ୍ରେ କୁମାର ବିଦ୍ୟାଧର, ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ନରେନ୍ଦ୍ର କୁମାର ପୃଷ୍ଟି, ବିଶିଷ୍ଟ ସମାଜସେବୀ ସୁବାସ କୁମାର ପାତ୍ର, ଖୋର୍ଦ୍ଧା କୃଷକ ଉତ୍ପାଦକ ସଂଗଠନର ସଭାପତି ମଧୁସୂଦନ ଦାସ, ପରିଚାଳକ ମିହିର କୁମାର ବିଧାର, ସ୍ମୃତି ତ୍ରୀପାଠୀ, ପରିଚାଳିକା ତଥା ବିଶିଷ୍ଟ ଗାୟିକା ନମିତା ତ୍ରିପାଠୀ, ପରିଚାଳକ ବାଲାଜୀ ପାତ୍ର, ସଂଗଠନ ଆଇନ ପରାମର୍ଶ ଦାତା ବିଶିଷ୍ଟ ଆଇନଜୀବୀ ରାଧାକାନ୍ତ ରାୟ ସାମନ୍ତସିଂହାର, ସୁକାନ୍ତ କୁମାର ମଙ୍ଗରାଜ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ତ୍ରୀପାଠୀଙ୍କର ସ୍ମୃତିଚାରଣ କରିଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍କୁର ଦିବସ



ଖୋର୍ଦ୍ଧା, ୧୯।୩(ସମିସ): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ଅଙ୍ଗନବାଡି କେନ୍ଦ୍ର-୧ର ଅଙ୍ଗନବାଡି କର୍ମୀ ମିନତୀ ତ୍ରିପାଠୀ ଓ ପାଇକତିଗିରିଆ ଅଙ୍ଗନବାଡି କେନ୍ଦ୍ର-୩ରେ ଅଙ୍ଗନବାଡି କର୍ମୀ ଶୈଳବାଳା ପଟ୍ଟନାୟକଙ୍କ ଆୟୋଜନରେ ଅଙ୍କୁର ଦିବସ ପାଳିତ ହୋଇଯାଇଛି।ଏଥିରେ ଆଦ୍ୟ ଶୈଶବ୍ୟ କାଳୀନ ଯତ୍ନ ଓ ଶିକ୍ଷା ତଥା ପିଲାଙ୍କ ବିକାଶ ନିମନ୍ତେ ଜନ୍ମ ପରେ କିଭଳି ଲାଳନ ପାଳନ କରାଯିବ, ଯତ୍ନ ନିଆଯିବ, ଶିଶୁଙ୍କୁ ପ୍ରାରମ୍ଭସ୍ତରରେ କେଉଁଭଳି ଶିକ୍ଷା ଯଥା-ଆକାର, ଆକୃତି, ରଙ୍ଗ ଅଲଗା ବାଛିବା, ବାର୍ତ୍ତାଳାପ ଆଦି ଆବଶ୍ୟକ ତାହା ଉପରେ ଉପସ୍ଥିତ ଅଭିଭାବକ ଓ ମା'ମାନଙ୍କୁ ବୁଝା ଯାଇଥିଲା।ସେଇଭଳି ଘରେ ପିଲା ମାନଙ୍କ ର ପ୍ରତିଦିନ କେଉଁ ସବୁ ସମସ୍ୟା ରହୁଛି, ପ୍ରଥମ ବର୍ଷ ଓ ତା ପରବର୍ତ୍ତି ସମୟରେ ଶିଶୁର ବିକାଶ ଉପରେ ତାର ନିରାକରଣ ଓ ଶିଶୁଙ୍କୁ କେଉଁଭଳି ବ୍ୟବହାର କରାଯିବ ତା ଉପରେ ମଧ ଅଭିଭାବକଙ୍କୁ କୁହାଯାଇଥିଲା।ଏଥିରେ ସହାୟିକା ଲତା ବିଶ୍ୱାଳ, ବାସନ୍ତୀ ସାହୁ ଓ ଅନେକ ଅଭିଭାବକମାନେ ସହଯୋଗ କରିଥିଲେ।

## ଆର୍‌ଆଇଙ୍କ ବିୟୋଗରେ ଶୋକ



ନିରାକାରପୁର, ୧୯ ।୩(ସମିସ): ସୋମବାର ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ନିରାକାରପୁର ରାଜସ୍ୱ ନୀରିକ୍ଷକ ପ୍ରଶାନ୍ତ କୁମାର ଷଢଙ୍ଗୀ। ତାଙ୍କ ଉଦ୍ଦେଶ୍ୟରେ କମାଗୁରୁ ଜୁନିୟର କଲେଜରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଶୋକ ବ୍ୟକ୍ତ କରିଥିଲେ। ସୋମବାର ରାତିରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆ ଛକ ନିକଟ ୧୬ ନଂ ଜାତୀୟ ରାଜପଥରେ ଦୁର୍ଘଟଣାର ନିରାକାରପୁର ରାଜସ୍ୱ ନୀରିକ୍ଷକ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ମୃତ୍ୟୁ ବରଣ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ସେ କମାଗୁରୁ କଲେଜ ଯୁକ୍ତ ଦୁଇ ପରୀକ୍ଷା କେନ୍ଦ୍ରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦାରଖ କରିବା ପାଇଁ ଆସୁଥିବା ବେଳେ ଅଳ୍ପ ଦିନରେ ସମସ୍ତଙ୍କ ପ୍ରିତଭାଜନ ହୋଇ ପାରିଥିଲେ। ଶୋକ ସଭାରେ ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି ଓ ଅଧ୍ୟାପିକା ଡ ରେଣୁବାଳା ସାମନ୍ତରାୟଙ୍କ ସମେତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପୁଲିସ ଚଢ଼ଉ; ମଦ ଜବତ, ଜଣେ ଗିରଫ

ବାଲୁଗାଁ, ୧୯।୩ (ସମିସ): ଆଗକୁ ସାଧାରଣ ନିର୍ବାଚନ ଏବଂ ଦୋଳ ଠାକୁରଙ୍କ ଭୋଗଖିଆକୁ ନଜରରେ ରଖି ଚୋରା ମଦ ବେପାରୀ ତତ୍ପର ହୋଇ ପଡ଼ିଛନ୍ତି।



ପୁଲିସକୁ ଖାତିରନକରି ବାଣପୁର ଓ ବାଲୁଗାଁ ଅଞ୍ଚଳର ବିଭିନ୍ନ ଗ୍ରାମରେ ଖୁଲମଖୁଲା ମଦ ବିକ୍ରୀ ଚାଲିଛି। ଚୋରା ମଦ କାରବାରକୁ ରୋକିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ତତ୍ପରତା ଦେଖାଇ ବିଭିନ୍ନ ସ୍ଥାନରେ ଚଢଉ କରୁଛି। ନାଭାଲ ଛକ ନିକଟରେ ବେଆଇନ ମଦ କାରବାର ହେଉଥିବା ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ସଦଳବଳେ ନାଭାଲ ଛକ ଅନତିଦୂର ଦୋକାନରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୨୧ ଲିଟର ୬ ଶହ ମିଲି ଲିଟର ଦେଶୀ ମଦ ଓ ୫ ଲିଟର ୫ ଶହ ମିଲି ଲିଟର ବିଦେଶୀ ମଦ ସମେତ ମୋଟ ୨୭ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ମଦ ବେପାରୀ ସ୍ଥାନୀୟ ବ୍ରଜରାଜପୁର ଗ୍ରାମର କେଦାର ବେହେରା (୫୫) କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏସଂକ୍ରାନ୍ତରେ ବାଲୁଗାଁ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତ କେଦାରକୁ କୋର୍ଟ ଚାଲାଣ କରାଯାଇଛି।

## ୨୭ରୁ ଅରିଶଲରେ ଶ୍ରୀରାମ ଚରିତ ମାନସ

ନିରାକାରପୁର, ୧୯ ।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତ ଅରିଶଲ ଗ୍ରାମରେ ଶ୍ରୀରାମ କୃପା ସଂସ୍ଥାନର ରୌପ୍ୟ ଜୟନ୍ତୀ ଅବସରରେ ପଞ୍ଚବିଂଶ ବାର୍ଷିକ ଜନ୍ମ ଉତ୍ସବ ଓ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କଳସଯାତ୍ରା ଅନୁଷ୍ଠିତ ହେବା ସହ ପାରମ୍ପରିକ ରୀତିରେ ମଙ୍ଗଳଆଳତୀ, ସୂର୍ଯ୍ୟପୂଜା ଆଦି ଅନୁଷ୍ଠିତ ହେବ। ଦୈନିକ ସନ୍ଧ୍ୟାରେ ଜିଲ୍ଲାର ଖ୍ୟାତନାମା ପ୍ରବଚକମାନେ ପ୍ରଭୁ ଶ୍ରୀରାମଙ୍କ ମାହାତ୍ମ୍ୟ ସମ୍ବନ୍ଧରେ ପ୍ରବଚନ ଦେବେ।

### ଲୋପ ପାଇବାକୁ ବସିଲାଣି ଘରଚଟିଆ!

# ଆଉ ଶୁଭୁନି କିଚିରିମିଚିରି

ଖୋର୍ଦ୍ଧା, ୧୯।୩(ସମିସ)



ଆଜି ବିଶ୍ୱ ଘରଚଟିଆ ଦିବସ

ପ୍ରତ୍ୟେକ ଦିନ ଆମ ଚତୁଃପାର୍ଶ୍ୱରେ ଭିନ୍ନ ଭିନ୍ନ ପ୍ରକାର ପକ୍ଷୀ ଦେଖିଥାଉ। ଘରଚଟିଆ ସେଥିରୁ ଅନ୍ୟତମ। ଏବେ ଘର ଚଟିଆ ଧିରେ ଧିରେ ବିଭିନ୍ନ ଅଞ୍ଚଳରୁ ଲୋପ ପାଇବାକୁ ବସିଲେଣି। ଆଧୁନିକ ସଭ୍ୟତାର ଯେତିକି ଅଗ୍ରଗତି ହେଉଛି ପାଣିପାଗର ସେତିକି ପରିବର୍ତନ ହେଉଥିବାରୁ ତାର ପ୍ରଭାବ ପଡୁଛି ମଣିଷର ସହାୟକ ଜୀବଜନ୍ତୁ ଓ ପଶୁ ପକ୍ଷୀଙ୍କ ଉପରେ। କାଳକ୍ରମେ ଅନେକ ଜୀବଜନ୍ତୁ ଓ ପକ୍ଷୀ ବୁଲୁପ୍ତ ହୋଇଥିବାରୁ ତାର ପ୍ରଭାବ ମଧ ଆଜିର ମଣିଷ ସମାଜ ଉପରେ ପଡୁଛି। ପାଗର ପରିବର୍ତନ ସାଙ୍ଗକୁ ବିଭିନ୍ନ କାରଣରୁ ପକ୍ଷୀମାନଙ୍କ ବଂଶବୃଦ୍ଧି ହୋଇପାରୁନାହିଁ। ଘରର ଚାଳ ଉପରେ କିଚିରିମିଚିରି ଶବ୍ଦ କରୁଥିବା ଏହି ପକ୍ଷୀଙ୍କର ନିରାପଦ ସ୍ଥାନ ହେଉଛି ଚାଳଛପର ଘର।

ପକ୍ଷୀପ୍ରେମୀ ଜିତେନ୍ଦ୍ର ବେହେରାଙ୍କ କହିବା କଥା ଏହି ଛୋଟିଆ ପକ୍ଷୀଟି ର ଘରଚଟିଆ ହୋଇଥିଲେ ହେଁ ଏହା ଏକ ସାହାର୍ଯ୍ୟକାରୀ ପକ୍ଷୀ। ଘର ଭିତରର ନାନାଦି ପୋକ ଖାଇ ସଫା କରିଥାଏ। ରାତି ପାହିବା କ୍ଷଣି କିଚିରିମିଚିରି ଶବ୍ଦ କରି ମଣିଷକୁ ନିଦରୁ ଉଠାଇବାରେ ସାହାର୍ଯ୍ୟ କରିଥାଏ। ଗୋଟିଏ ଘରଚଟିଆ ପକ୍ଷୀର ଲମ୍ବ ପ୍ରାୟ ୬ରୁ ୭ସେମି ମଧ୍ୟରେ ଏବଂ ଓଜନ ପ୍ରାୟ ୩୦ରୁ ୩୫ଗ୍ରାମ ଭିତରେ ହେବ। ଏହି ପକ୍ଷୀ ଥରକୁ ୪ରୁ ୫ଟି ଅଣ୍ଡା ଦେଇଥିବାବେଳେ ଉକ୍ତ ଅଣ୍ଡାରୁ ଛୁଆ ନିମନ୍ତେ ପ୍ରାୟ ୧୩ରୁ ୧୫ ଦିନ ପର୍ଯ୍ୟନ୍ତ ଉଷୁମାଇଥାଏ। ଗାଁରୁ ହିଁ ବେଶୀ ପରିମାଣର ଖାଦ୍ୟ ଏହି ପକ୍ଷୀମାନେ ସଂଗ୍ରହ କରିଥାନ୍ତି। ଧାନ, ଗହମ, ଡାଲିଦାନା, କୀଟପତଙ୍ଗ, ଜିଆ ପ୍ରଭୃତି ଏମାନଙ୍କର ପ୍ରଧାନ ଖାଦ୍ୟ ହୋଇଥିବାବେଳେ ଶାବକମାନଙ୍କୁ ମଧ ସେମାନେ ଏହା ଖୁଆଇଥାନ୍ତି।

ସେହିପରି ଜଟଣୀ ଶ୍ରୀହରିବିହାର ର ପକ୍ଷୀପ୍ରେମୀ ବିଭୁତି ପଟ୍ଟନାୟକ ଘରଚଟିଆ କେବଳ ଯେ ଓଡ଼ିଶା କି ଭାରତର ବିଭିନ୍ନ ରାଜ୍ୟରେ ନୁହେଁ ବଙ୍ଗ ବ୍ରିଟେନ ଓ ନେଦରଲ୍ୟାଣ୍ଡରେ ମଧ ଦେଖାଯାନ୍ତି।ଘର ଚଟିଆ ୨ଜାତି ଓ ୧୨ପ୍ରଜାତିର ରହିଛନ୍ତି। ତେବେ ଘରଚଟିଆ ଧୂଳିରେ ଗଡ଼ିଲେ ବର୍ଷାର ଆଗମନ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଗରୁ ବହୁ ଘରଚଟିଆ ପକ୍ଷୀ ଦେଖାଯାଉଥିଲେ। କିନ୍ତୁ ସମୟକ୍ରମେ ଗାଁ ଗଣ୍ଡା ଗୁଡିକରୁ ଚାଳଛପର ଘର ପରିବର୍ତେ କୋଠା ଓ ଆଜବେଷ୍ଟସ ଘର ଗଡ଼ି ଉଠିବା ଫଳରେ ଏହି ପକ୍ଷୀ ବସାବାନ୍ଧି ରହିବାରେ ପ୍ରତିବନ୍ଧକ ସୃଷ୍ଟି ହେଲା। ଏପରିକି ଯେଉଁ କେତୋଟି ସ୍ଥାନ ବା ମନ୍ଦିର ଆଦି ଅଞ୍ଚଳରେ ରହୁଛନ୍ତି, ଉକ୍ତ ସ୍ଥାନରେ ସେମାନେ ନିରାପଦ ମଣୁନାହାନ୍ତି କି ବଂଶ ବିସ୍ତାର ଲାଗି ଘର ପାଉନାହାନ୍ତି।

ଏହି ଘରଚଟିଆ ପକ୍ଷୀର ସୁରକ୍ଷା ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୦ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହେଉଛି। ପ୍ରଥମେ ୨୦୧୦ରେ ଏହି ଦିବସ ଆରମ୍ଭ ହୋଇଥିଲା। ଏହି ଦିବସର ଉଦ୍ଦେଶ୍ୟ ହେଲା ଲୋପ ପାଇବାକୁ ବସିଥିବା ଘରଚଟିଆର ସଂରକ୍ଷଣ। ମାତ୍ର ଏହାର ସଂରକ୍ଷଣ ଦିଗ ପ୍ରତି କେହି ଯେପରି ଦୃଷ୍ଟି ଦେଉନଥିବା ପରି ମନେ ହେଉଛି। କେବଳ ସଭାସମିତି ଓ ବୈଠକ ମାଧ୍ୟମରେ ପକ୍ଷୀ ସଂରକ୍ଷଣ କାର୍ଯ୍ୟକ୍ରମ କରି ବିଭିନ୍ନ ଗଣମାଧ୍ୟମରେ ନାଁ ବାହାର କରି ବାହା ବାହା ନେବାରେ କିଛି ନ୍ୟସ୍ତସ୍ୱାର୍ଥୀ ବ୍ୟସ୍ତ। ଯଦି ପକ୍ଷୀ ଟି ସ୍ଥାନରେ ନିଜକୁ ରଖି ବିଚାର କରାଯିବ, ତେବେ ତାହାରି ବଂଶର ସୁରକ୍ଷା ଲାଗି ସଭିଏଁ ଅଂଟା ଭିଡିପାରନ୍ତେ ବୋଲି ସେ କହିଛନ୍ତି।

ତେଣୁ ଏବେ ଠୁ ପଶୁ ଓ ପକ୍ଷୀ ପ୍ରେମୀ, ସ୍ୱେଚ୍ଛାସେବୀ, ପକ୍ଷୀ ବିଶେଷଜ୍ଞ, ବନବିଭାଗ ଯଦି ଗାଁ ଗାଁ ବୁଲି ଏହି ପକ୍ଷୀର ସୁରକ୍ଷା ଲାଗି ସଚେତନ କରନ୍ତେ, ତେବେ ଲୋପ ପାଇବାକୁ ଥିବା ଘରଚଟିଆର ବଂଶରକ୍ଷା ହୋଇପାରନ୍ତା ବୋଲି ପରିବେଶବିତମାନେ ମତପ୍ରକାଶ କରନ୍ତି।

## ବୋଲଗଡ଼ ପ୍ରିମିୟର ଲିଗ୍; ମହାବୀର ୱାରିଅର ବିଜୟୀ



ବୋଲଗଡ଼, ୧୯।୩(ସମିସ): ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମୀୟର ଲିଗ(ବିପିଏଲ)ର ଦଶମ ସଂସ୍କରଣର ତୃତୀୟ ଲିଗ୍ ମ୍ୟାଚ୍‌ରେ ଦୁଇ ଫ୍ରାଞ୍ଚାଇଜ ଦଳ ରାନୀ ବ୍ଲାଷ୍ଟର ଓ ମହାବୀର ୱାରିଅର୍ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ରାନୀ ବ୍ଲାଷ୍ଟର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୮ଓଭରରେ ୭ଉଇକେଟ ବିନିମୟରେ ୬୬ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର ୱାରିଅର୍ ଦଳ ମଧ ୮ଓଭର ଖେଳି ୮ଉଇକେଟ ହରାଇ ୬୬ରନ ସଂଗ୍ରହ କରିବା ଫଳରେ ମ୍ୟାଚ୍ ଟାଏ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା।ଏଥିରେ ଗୋଟିଏ ଓଭରରେ କୌଣସି ଉଇକେଟ ନହରାଇ ୩ରନ ସଂଗ୍ରହ କରିଥିଲା।ଏହାର ଜବାବରେ ମହାବୀର ୱାରିଅର ଦଳ ଗୋଟିଏ ଓଭରରେ ୧ଉଇକେଟ ହରାଇ ୪ ରନ କରି ମ୍ୟାଚ ଜିତି ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଛି। ଅମ୍ପାୟର ଭାବେ ସୁଦର୍ଶନ ବାରିକ ଓ ଶାନ୍ତନୁ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବିଜେତା ଦଳର ଖେଳାଳି ମନ ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ସହଯୋଗ କରିଥିଲେ।

### କାଇପଦର ପ୍ରିମିୟର ଲିଗ୍ କ୍ରିକେଟ

## ପାଇକ ଫାଇଟର୍ସ ବିଜୟୀ

ଖୋର୍ଦ୍ଧା, ୧୯।୩(ସମିସ): ଖୋର୍ଦ୍ଧା ଉପକଣ୍ଠ ସାଆନ୍ତା ମା'ବଘେଇ କ୍ରିକେଟ ଖେଳ ପଡ଼ିଆ ଠାରେ ଚାଲିଥିବା କାଇପଦର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ-୨ର ମଙ୍ଗଳବାର ମ୍ୟାଚରେ ପାଇକ ଫାଇଟର୍ସ ଓ ମା' ମଙ୍ଗଳା ଏକାଦଶ ମଧ୍ୟରେ ହୋଇଥିଲା। ପ୍ରଥମେ ପାଇକ ଫାଇଟର୍ସ ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୮ ୱିକେଟ୍‌ରେ ୧୩୨ରନ୍ କରିଥିଲା। ଜବାବରେ ମା' ମଙ୍ଗଳା ଏକାଦଶ ୧୪.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ କରିଥିଲା।ଫଳରେ ପାଇକ ଫାଇଟର୍ସ ୨୮ ରନରେ ବିଜୟୀ ହୋଇଥିଲେ।ପାଇକ ଫାଇଟର୍ସ ଦଳର ଅଶୋକ ସାମନ୍ତରାୟ ୩ଓଭର ବୋଲିଂ କରି ୩ ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।ଖେଳକୁ ଝଜ ସାମନ୍ତରାୟ, ଗୋପିନାଥ ମାଝି ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ଦିନେଶ ମହାରଥି, ଦିଲ୍ଲୀପ କୁମାର ସାହୁ। ମ୍ୟାଚ ରେ ଅତିଥିଭାବେ



ଲଳିତ ଭାରିମଲ୍ଲ, ଶୁଭ ପ୍ରସାଦ ରଣସିଂହ, ଭରତ ସିଂହ, ତପୁ ରଣସିଂହ, ଇଶ୍ୱର ପାଇକରାୟ, ଦିପୁ ଅରିସଲ, ରାଜେଶ ସୁବୁଦ୍ଧି, ଗୋପିନାଥ ମହାରଥି, ଅଭିଷେକ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ଫଗୁ ଦଶମୀରେ ଫଗୁ ଖେଳିଲେ ଠାକୁର

ଖୋର୍ଦ୍ଧା, ୧୯।୩(ସମିସ): ମଙ୍ଗଳବାର ପବିତ୍ର ଫଗୁ ଦଶମୀ ଅବସରରେ ଖୋର୍ଦ୍ଧା ଓ ଆଖାପାଖ ବିଭିନ୍ନ ମନ୍ଦିରରେ ଠାକୁରଙ୍କର ଫଗୁ ଖେଳ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାର୍ ଅଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିର, ମହାଦେବ ମନ୍ଦିର, ଜଗନ୍ନାଥ ମନ୍ଦିର, ବିଷ୍ଣୁ ମନ୍ଦିରରେ ଫଗୁ ଦଶମୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ରାଧାକାନ୍ତ ମନ୍ଦିର, କୁଞ୍ଜବିହାରୀ ମନ୍ଦିର, ଓଡିଆ ମଠ, ଗୋବିନ୍ଦଜୀ ମନ୍ଦିର, ସ୍ଥାନୀୟ ରାଧାବଲ୍ଲଭସାହିସ୍ଥିତ ରାଧାବଲ୍ଲଭ ମନ୍ଦିର, ଗୋପୀନାଥ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ବରାଡବାଲୁଙ୍କେଶ୍ୱର ମନ୍ଦିର,



ଜାଗୁଳେଇପାଟଣାସ୍ଥିତ ଅନନ୍ତପୁରୁଷୋତ୍ତମ ଦେବ, ନୀଳକଣ୍ଠେଶ୍ୱର ପ୍ରଭୃତି ମନ୍ଦିରରେ ଫଗୁ ଦଶମୀ ପାଳିତ ହୋଇଯାଇଛି।

ପ୍ରକାଶ ଥାଉକି, ଫଗୁ ଦଶମୀରେ ତଥା ଆଜିଠାରୁ ଠାକୁରଙ୍କୁ ପ୍ରବଳ ଗରମ ହୋଇଥିବାରୁ ଏବଂ ଫଗୁ ଥଣ୍ଡା ହୋଇଥିବାରୁ ଏହାକୁ ଫଗୁ ଦଶମୀ ଭାବେ ପାଳନ କରାଯାଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଠାକୁର ଫଗୁ ଖେଳିବା ପରେ ଆସନ୍ତା କାଲିଠାରୁ ବିଭିନ୍ନ ଦୁଆରେ ଚାଟେରୀ ଭୋଗ ଖାଇବେ। ଖୋର୍ଦ୍ଧାରେ ପ୍ରଥମେ ସ୍ଥାନୀୟ ଗୁରୁଜଙ୍ଗ ଧବଳେଶ୍ୱର ଦେବ ଭୋଗ ଖାଇବା ଆରମ୍ଭ କରିବା ପରେ ଅନ୍ୟ ଠାକୁରମାନେ ଭୋଗ ଖାଇବା ଆରମ୍ଭ କରିଥାନ୍ତି ବୋଲି ଜଣାଯାଇଛି। ବୁଧବାର ରାତିରୁ ସହରର ବିଭିନ୍ନ ସ୍ଥାନରେ ମହାଦେବ, ବିଷ୍ଣୁ ଶ୍ରଦ୍ଧାଳୁଙ୍କ ଘରେ ଭୋଗ ଖାଇବେ।

## ୨୪ରେ ଔପନ୍ୟାସିକ ପଦ୍ମଜ ପାଳଙ୍କ ଜନ୍ମ ଉତ୍ସବ

ଖୋର୍ଦ୍ଧା, ୧୯।୩(ସମିସ): ମାର୍ଚ୍ଚ ୨୪ତାରିଖ ଦିନ ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ଚର୍ଯ୍ୟାଯୁଧ ଫାଉଣ୍ଡେସନ ପକ୍ଷରୁ ଔପନ୍ୟାସିକ ପଦ୍ମଜପାଳଙ୍କ ଜନ୍ମ ଉତ୍ସବ ପାଳନ କରାଯିବ। ଏହି ବିଶିଷ୍ଟ କଥାଶିଳ୍ପୀ କାଶୀନାଥ ନନ୍ଦୀଙ୍କୁ ପଦ୍ମଜ ସାହିତ୍ୟ ସମ୍ମାନ ସହ ୧୧ହଜାର ଟଙ୍କା ଅର୍ଥରାଶି, ଯୁବ କଥାକାର ତଥା ଗବେଷକ ବିଶ୍ୱନାଥ ସାହୁଙ୍କୁ ପଦ୍ମଜ ପ୍ରତୀକ ସମ୍ମାନ ସହ ୫ହଜାର ଟଙ୍କା ଏବଂ 'ଅରଣ୍ୟ ଯାତ୍ରୀ' ଜୀବନୀ ପୁସ୍ତକ ନିମନ୍ତେ ଓଡ଼ିଶା। ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଲେଖକ ତଥା ଅବସର ପ୍ରାପ୍ତ ଭାରତୀୟ ବନ ସେବା ଅଧିକାରୀ ବିଜୟ କେତନ ପଟ୍ଟନାୟକଙ୍କୁ 'ଖୋର୍ଦ୍ଧା ସମ୍ପଦ ସମ୍ମାନ' ପ୍ରଦାନ କରାଯିବା ପାଇଁ ସ୍ଥିରିକୃତ କରାଯାଇଛି। ଉତ୍ସବ ପାଇଁ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଗଳ୍ପ ପ୍ରତିଯୋଗିତାରେ ସଫଳତା ପାଇଥିବା ନାଚୁଣୀ ମହାବିଦ୍ୟାଳୟର ସ୍ମୃତିସୁମନ ବରାଳ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ସତ୍ୟଜିତ୍ ରାଉତ ଓ ଜଟଣୀ ମହାବିଦ୍ୟାଳୟର ଅଭିପ୍ସା ବେହେରାଙ୍କୁ ମଧ ସମ୍ମାନୀତ କରାଯିବ ବୋଲି ଅନୁଷ୍ଠାନର ସଭାପତି ଅଭିଷେକ ସିଂସାମନ୍ତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଜଟଣୀ ପୁଲିସର ଦ୍ୱିତୀୟ ପର୍ଯ୍ୟାୟ ଫ୍ଲାଗ୍ ମାର୍ଚ୍ଚ



ଜଟଣୀ, ୧୯।୩(ସମିସ): ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ନେଇ ଜଟଣୀ ପୁଲିସ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ମଙ୍ଗଳବାର ଉକ୍ତ ଅଞ୍ଚଳରେ ରିଜର୍ଭ ପୁଲିସର ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଜଟଣୀ ପୁଲିସର ଅଧ ପ୍ଲାଟୁନ୍ ପୁଲିସ ସାମିଲ ଥିଲେ। କନ୍ତିଆ, ନିରଞ୍ଜନପୁର, ରଥିପୁର ଆଦି ଅଞ୍ଚଳରେ କରାଯାଇଛି। ଗତ ସପ୍ତାହରେ ଜଟଣୀ ବ୍ଲକ ବେଣାପଞ୍ଜାରୀ ଓ ତରାବୋଇ ଠାରେ ଗ୍ଲାଗ ମାର୍ଚ୍ଚ କରାଯାଇଥିଲା।ତେବେ ଜଟଣୀରେ ସମୁଦାୟ ୮୪ ଟି ବୁଥ୍ ମଧ୍ୟରୁ ଚିହ୍ନଟ ହୋଇଥିବା ୩୫ ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଫ୍ଲାଗ ମାର୍ଚ୍ଚ ବେଳେ ପୁଲିସ ସଧାରଣ ଲୋକମାନଙ୍କୁ ନିର୍ବାଚନ ସମୟରେ ଅପରାଧିକ କାର୍ଯ୍ୟକଳାପରୁ ନିବୃତ ରହିବାକୁ ବାର୍ତ୍ତା ପ୍ରଦାନ କରିଥିଲା। ବିଶୃଙ୍ଖଳା କାର୍ଯ୍ୟକଳାପରେ ଲିପ୍ତ ରହିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

### ସରିଲା ନିର୍ବାଚନ ପ୍ରଶିକ୍ଷଣ

## ହଟିଲା ଦଳୀୟ ପତକା ବ୍ୟାନର

ବାଲୁଗାଁ, ୧୯।୩(ସମିସ)

ଆସନ୍ତା ସାଧାରଣ ନିର୍ବାଚନ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ଚିଲିକା ନିର୍ବାଚନ ମଣ୍ଡଳୀ ଅଧିନ ୨୨୫ଟି ବୁଥ ଲାଗି ନିୟୋଜିତ ହେବାକୁ ଥିବା ପ୍ରିଜାଇଡ଼ିଂ ଅଫିସର, ପ୍ରଥମ ପୋଲିଂ ଅଫିସର, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ପୋଲିଂ ଅଫିସର ଆଦି ସମୁଦାୟ ୮୬୪ ଜଣଙ୍କୁ ନେଇ ପୃଥକ ଭାବେ ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ତିନି ଦିନିଆ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମାପନ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସଫଲ୍ୟ ମଣ୍ଡିତ ପ୍ରଧାନ, ଉପ ଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ, ବାଣପୁର ତହସିଲଦାର ପଦ୍ମନାଭ ଦୋରା, ବିଡ଼ିଓ ଶିତଲ ଅଗ୍ରୱାଲା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା, ଶିକ୍ଷାଧିକାରୀ ସନାତନ ଜାଲି ଏବଂ ଚିଲିକା



ବ୍ଲକ ତହସିଲଦାର ଚକ୍ରଧର ପାଢ଼ୀ, ବିଡ଼ିଓ ହଳଧର ଶବର, ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଦାଶ, ବାଲୁଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶୃଙ୍ଖଳିତ ସହ ପରିଚାଳନା ପାଇଁ ଗୁରୁତ୍ୱ ଦେଇ ଇଭିଏମ, ଭିଭିପାଟ ବ୍ୟବହାରର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟପକ୍ଷେ ନିର୍ବାଚନ ତାରିଖ ଘୋଷଣା ହେବା ସହ ଆଚରଣବିଧି ଲାଗୁ ହେବା ପରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଲାଗି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚିଲିକା ନିର୍ବାଚନ ମଣ୍ଡଳୀର ବାଲୁଗାଁ ବାଣପୁର ସହରର ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଲାଗିଥିବା ସମସ୍ତ ଦଳୀୟ ପତକା, ପୋଷ୍ଟର, ବ୍ୟାନର, ହୋର୍ଡିଂ ଆଦି ପ୍ରଚାର ବୋର୍ଡ ଉଚ୍ଛେଦ କରାଯାଇଛି। ପ୍ରଶାସନୀକ ଅଧିକାରୀମାନେ ତତ୍ପରତା ଦେଖାଇ ସହର ବଜାର ବୁଲି ବୁଲି ଯାଞ୍ଚ କରି ସମସ୍ତ ଦଳୀୟ ପ୍ରଚାର ପତକା ଓ ବୋର୍ଡ କାଢୁଥିବା ଦେଖିବାକୁ ମିଳିଛି।

### ● କାଳବୈଶାଖୀ ମୁକାବିଲା ପ୍ରସ୍ତୁତି ବୈଠକ

## ତ୍ୱରିତ ସେବା ପ୍ରଦାନ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା, ୧୯।୩(ସମିସ): ଜିଲ୍ଲାରେ ସମ୍ଭାବ୍ୟ କାଳବୈଶାଖୀ ମୁକାବିଲା ନିମନ୍ତେ ସମୀକ୍ଷା ବୈଠକ ଆଭାସି ମାଧ୍ୟମରେ ଜିଲ୍ଲାପାଳ ଚଞ୍ଚଲ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଅରେଞ୍ଜ ୱାର୍ଣ୍ଣିଂ ଜାରି ହେବା ପରେ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କେତେକ ଜାଗାରେ ଘଡ଼ଘଡ଼ି ସହ ବର୍ଷା, ବଜ୍ରପାତ ଏବଂ ସ୍ଥଳବିଶେଷରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବୋହିବା ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ପାଣିପାଗ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ରହିବା ନେଇ ପୂର୍ବାନୁମାନ କରାଯାଇଛି। ଆବଶ୍ୟକ ସ୍ଥଳେ ତ୍ୱରିତ ସେବା ପ୍ରଦାନ ପାଇଁ ଅଗ୍ନିଶମ, ବିଦ୍ୟୁତ, ଆମ୍ବୁଲାନ୍ସ, ଡାକ୍ତରୀସେବା ଏବଂ ଟେଲିଫୋନ ସେବା ପ୍ରଦାନକାରୀ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ସହାୟତା ଓ ଖାଦ୍ୟସାମଗ୍ରୀ ଯୋଗାଇ ଦିଆଯିବ। ଲୋକମାନଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ବିଡ଼ିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବି.ଏମ୍.ସି.ର ଡେପୁଟି କମିଶନର ଜରୁରୀ ବିଭାଗଙ୍କୁ ବସ୍ତି ବାସିନ୍ଦାଙ୍କ ଥଇଥାନ କରିବାକୁ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଜରୁରୀକାଳୀନ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

